


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-293 ♦TUESDAY ♦21 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୯୩ ♦ମଙ୍ଗଳବାର ♦୨୧ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ୫ ଦିନ ପର୍ଯ୍ୟନ୍ତ ମିଳିବନି ନିସ୍ତାର

■ ଭୁବନେଶ୍ୱର, ୨୦।୪ (ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ଜାରି ରହିଛି। ରାଜ୍ୟକୁ କ୍ରମାଗତ ଭାବେ ଗରମ ଓ ଶୁଷ୍କ ବାୟୁପ୍ରବାହ ହେତୁ ତାପମାତ୍ରା ବଢ଼ି ଚାଲିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଅଧିକ ରହୁଥିବା ବେଳେ ଉପକୂଳ ଓଡ଼ିଶାରେ ଆର୍ଦ୍ରତା ଅଧିକ ହେତୁ ଭୀଷଣ ଗୁଳୁଗୁଳି ଅନୁଭୂତ ହେଉଛି। ଅନ୍ୟପଟେ ଆଗକୁ ରାଜ୍ୟରେ କାଁ ଭାଁ କାଳବୈଶାଖୀର ଆଶଙ୍କା ରହୁଥିଲେ ମଧ୍ୟ ଆହୁରି ସପ୍ତାହେ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହେବାର ସମ୍ଭାବନା କମ୍ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋମବାର ରାଜ୍ୟର ୧୪ଟି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି। ଟିଟିଲାଗଡ଼ରେ ତାପମାତ୍ରା ୪୨.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଝାରସୁଗୁଡ଼ାରେ ତାପମାତ୍ରା ୪୨.୪, ତାଳଚେରରେ ୪୨, ବଲାଙ୍ଗିରରେ ୪୧.୮, ଅନୁଗୁଳରେ ୪୧.୭ ଓ ସୁନ୍ଦରଗଡ଼ରେ ତାପମାତ୍ରା ୪୦.୮ ଡିଗ୍ରୀ ରେକର୍ଡ କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବର୍ତ୍ତମାନର ପାଣିପାଗ ସ୍ଥିତି ଅନୁଯାୟୀ, ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ଜାରି ରହିବ। ପଶ୍ଚିମା ଏବଂ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ାରୁ ବଲାଙ୍ଗିର ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ପ୍ରବଳ ତାତି ଅନୁଭୂତ ହେବ। ଏହି ଅଞ୍ଚଳରେ ଦିନର ସର୍ବାଧିକ ତାପମାତ୍ରା ୪୪-୪୫.୫ ଡିଗ୍ରୀ ମଧ୍ୟରେ ରହିବା ସହ ଗରମ ପବନ (ଲୁ') ପ୍ରବାହିତ ହେବାର ସମ୍ଭାବନା ଅଛି। ▶ପୃଷ୍ଠା-୭

## ଆକାଶୁ ବର୍ଷୁଛି ନିଆଁ



- କଲବଲ କରିବ ତାତି ଗୁଳୁଗୁଳି
- କାଁ ଭାଁ ସ୍ଥାନରେ କାଳବୈଶାଖୀ
- ୪୦ ଡିଗ୍ରୀ ଉପରେ ୧୪ ଜିଲ୍ଲା

# ୧୫ ଜିଲ୍ଲାରେ ବିଦ୍ୟାଳୟ ଛୁଟି

■ ଭୁବନେଶ୍ୱର, ୨୦।୪ (ସମିସ): ରାଜ୍ୟରେ କ୍ରମାଗତ ଭାବେ ବଢ଼ୁଛି ଗ୍ରୀଷ୍ମ ତାପ। ଏହାକୁ ଦୃଷ୍ଟିରେ ରଖି ପ୍ରାୟ ୧୫ ଜିଲ୍ଲାରେ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ାରେ ୨୧ ତାରିଖ ଯାଏଁ ସ୍କୁଲ ଛୁଟି ଘୋଷଣା କରାଯାଇଛି। ସେହିପରି ସମ୍ବଲପୁର, ବୌଦ୍ଧ, ସୋନପୁର, ଝାରସୁଗୁଡ଼ା, ଦେବଗଡ଼, ଖୋର୍ଦ୍ଧା, ନୟାଗଡ଼, ଓ ବରଗଡ଼ରେ ୨୨ ଯାଏଁ, ମୟୂରଭଞ୍ଜରେ ୨୩ ଏବଂ ନବରଙ୍ଗପୁରରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। କଟକ ଓ ବ୍ରହ୍ମପୁର ଜିଲ୍ଲାରେ ମଧ୍ୟ ଛୁଟି ଘୋଷଣା ହୋଇଥିବା ବେଳେ ଜଗତସିଂହପୁରରେ ସକାଳ ୯ ଟା ପର୍ଯ୍ୟନ୍ତ ପାଠପଢ଼ା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ନେବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଛୁଟି ହୋଇଥିବା ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ବଢ଼ୁଛି। ଏଣୁ ରାଜ୍ୟର ସମସ୍ତ ବିଦ୍ୟାଳୟ ବନ୍ଦ କରିବା ପାଇଁ ବିଭାଗ ପକ୍ଷରୁ ନୀତିଗତ ନିଷ୍ପତ୍ତି ନେବାକୁ ଅଭିଭାବକ ଓ ଶିକ୍ଷକମାନେ ଦାବି କରିଛନ୍ତି। ଅପରପକ୍ଷରେ କିଛି ଜିଲ୍ଲାରେ ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ଛୁଟି ସରୁଥିବା ବେଳେ ପ୍ରାୟ ସମସ୍ତ ଜିଲ୍ଲାରେ ବୁଧବାର ଛୁଟି ଶେଷ ହେଉଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତ୍ୱରିତ ଛୁଟି ଘୋଷଣା କରିବାକୁ ଦାବି ହୋଇଛି।

# ରାଜ୍ୟରେ କଟିଲେ ୯.୮ ଲକ୍ଷ ଭୋଟର

- ଯାଞ୍ଚକୁ ନେଇ ରାଜ୍ୟବ୍ୟାପୀ ମାଲମାଲ ଅଭିଯୋଗ
- ବିରୋଧ ପରେ ୨ ଲକ୍ଷ ଫର୍ମ-୭ ଆବେଦନ ସ୍ଥଗିତ
- ଚୂଡ଼ାନ୍ତ ସୂଚୀ ପୂର୍ବରୁ କଡ଼ାକଡ଼ି ଯାଞ୍ଚ ଲାଗି ନିର୍ଦ୍ଦେଶ

**ଭୁଲ୍‌ରେ କଟିଥିଲେ ପୁନଃ ସାମିଲ କରାଯିବ: ସିଇଓ**

■ ଭୁବନେଶ୍ୱର, ୨୦।୪ (ସମିସ): ଓଡ଼ିଶାରେ ଭୋଟର ସୂଚୀରୁ ହଟିଛନ୍ତି ୯.୮ ଲକ୍ଷ ମତଦାତା। ଚଳିତ ବର୍ଷ ଭୋଟର ମ୍ୟାପିଂ ପ୍ରକ୍ରିୟାରେ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ଏତେ ସଂଖ୍ୟକ ଭୋଟରଙ୍କୁ ତାଲିକାରୁ ବାଦ ଦିଆଯାଇଛି। ଏସ୍‌ଆଇଆର୍ ପୂର୍ବରୁ ଭୋଟର ତାଲିକାରୁ ଏତେ ସଂଖ୍ୟକ ଭୋଟର ବାଦ୍ ପଡ଼ିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ୧୮ ତାରିଖରେ ରାଜ୍ୟର ସମସ୍ତ ଇଆରଓଙ୍କୁ ରାଜ୍ୟ ଗୃହ(ନିର୍ବାଚନ) ବିଭାଗ ପକ୍ଷରୁ ଜାରି ଚିଠିରୁ ଏପରି ଉଦ୍‌ବେଗଜନକ ସୂଚନା ଲୋକଲୋଚନକୁ ଆସିଛି। ଏତେ ସଂଖ୍ୟକ ଭୋଟରଙ୍କ ନାମ ଭୋଟର ତାଲିକାରୁ କଟିବା ସଂକ୍ରାନ୍ତରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମାଲମାଲ ଅଭିଯୋଗକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ।

ମିଳିଥିବା ସୂଚନା ଅନୁସାରେ ଭୋଟର ତାଲିକା ଯାଞ୍ଚ କାର୍ଯ୍ୟରେ ନିୟୋଜିତ ବିଏଲ୍‌ଓମାନେ ଜୀବିତ ଥିବା ଅନେକ ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦେଇଥିବା ଅଭିଯୋଗ ହୋଇଛି। ସେହିପରି କିଛି ସ୍ଥାନରେ ବିଏଲ୍‌ଓମାନେ ବିନା କ୍ଷେତ୍ର ପରିଦର୍ଶନରେ ଉପଯୁକ୍ତ ଯାଞ୍ଚ ନ କରି ତାଲିକାରୁ ଭୋଟରଙ୍କୁ ବାଦ୍ ଦେଇଥିବା ନେଇ ମଧ୍ୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏପ୍ରିଲ ୨ ତାରିଖ ପରଠାରୁ ହସ୍ତଗତ ହୋଇଥିବା ପ୍ରାୟ ୨ ଲକ୍ଷ ଫର୍ମ-୭ ଆବେଦନକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସ୍ଥଗିତ ରଖାଯାଇଛି। ଉପରୋକ୍ତ ଦରଖାସ୍ତଗୁଡ଼ିକର ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଅର୍ଥାତ୍ ଚୂଡ଼ାନ୍ତ ଭାବେ ଭୋଟର ତାଲିକାରୁ ବାଦ୍ ଦେବାକୁ କେତେକ ନିୟମର କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ଇଆରଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ।

କୌଣସି ବ୍ୟକ୍ତିଙ୍କ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ ଦେବାର ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ଉପଯୁକ୍ତ ଯାଞ୍ଚ ଓ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଏହାକୁ କଟାଯିବା କଥା। ମୃତକଙ୍କ ଆତ୍ମୀୟ କିମ୍ବା ପରିବାର ସଦସ୍ୟଙ୍କ ଦ୍ୱାରା ଫର୍ମ-୭ ଦାଖଲ ହୋଇଥିବା ଉଚିତ୍। ଡିଲିସନ ପ୍ରକ୍ରିୟା ପୂର୍ବରୁ ଭୋଟରଙ୍କ ଶେଷ ଜଣାଥିବା ଠିକଣାରେ ନୋଟିସ୍ ପଠାଇବାକୁ ହେବ। ସେହିପରି ଯଦି ଜଣେ ବ୍ୟକ୍ତିଙ୍କ ନାମ ଏକାଧିକ ସ୍ଥାନରେ ଥିବା ସନ୍ଦେହ ହୁଏ, ତେବେ ତାହାକୁ ଭଲ ଭାବେ ଯାଞ୍ଚ କରିବା କଥା। କୌଣସି ପଦକ୍ଷେପ ନେବା ପୂର୍ବରୁ ଭୋଟରଙ୍କୁ ନୋଟିସ୍ ଜାରି କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ଯଥାଯଥ ପ୍ରକ୍ରିୟା ଅନୁସରଣ କରାଯିବ। ସେହିପରି ୨ ଏପ୍ରିଲ ୨୦୨୬ ପରେ ମିଳିଥିବା ଫର୍ମ-୭ ଆବେଦନଗୁଡ଼ିକ ମଧ୍ୟରୁ ଅନ୍ତତଃ ପକ୍ଷେ ୫୦ ପ୍ରତିଶତ ଆବେଦନର ଫିଜିକାଲ ଭେରିଫିକେସନ ଇଆର୍‌ଓ/ଏଆର୍‌ଓ କିମ୍ବା ସେମାନଙ୍କ ଅଧିକୃତ ପ୍ରତିନିଧିମାନଙ୍କ ଦ୍ୱାରା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ରାଜ୍ୟ ମୁଖ୍ୟ ▶ପୃଷ୍ଠା-୭

## ଆମେରିକା ସହ ବୈଠକ କରିବାକୁ ମନାକଲା ଇରାନ

# ଅନିଶ୍ଚିତତାରେ ଇସ୍‌ଲାମାବାଦ ଆଲୋଚନା



- ହର୍ମୁଜରେ ଆମେରିକାର ଅବରୋଧ ସାଜିଛି ବାଧକ
- ପ୍ରତିନିଧି ଦଳ ପଠାଇବାକୁ ପ୍ରସ୍ତୁତି ଚଳାଇଛି ଆମେରିକା

■ ତେହେରାନ/ଇସଲାମାବାଦ, ୨୦।୪ (ଏଜେନ୍ସି): ପଶ୍ଚିମ ଏସିଆ ଆକାଶରେ ପୁଣି ଥରେ ଯୁଦ୍ଧର କଳାବାଦଲ ଘେରିବାରେ ଲାଗିଛି। ଆମେରିକା ସହିତ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଇରାନ୍ ସ୍ପଷ୍ଟ ଭାବେ ମନା କରିଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରତିନିଧି ଦଳକୁ ପାକିସ୍ତାନ ପଠାଇବା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ, ଇରାନ୍ ଏଥିରେ ସାମିଲ ହେବାକୁ ମନାକରିଦେଇଛି। ଇରାନର ସରକାରୀ ଗଣମାଧ୍ୟମ 'ଇରାନା' (ଆଇଆରଏନ୍‌ଏ) ଅନୁଯାୟୀ, ଆମେରିକାର ଅହେତୁକ ଦାବି, ଅବାସ୍ତବ ଆଶା ଏବଂ ବାରମ୍ବାର ଆଭିମୁଖ୍ୟ ବଦଳାଇବା କାରଣରୁ ଆଲୋଚନାରେ କୌଣସି ପ୍ରଗତି ହୋଇପାରୁ ନାହିଁ। ଅନ୍ୟପକ୍ଷରେ ପାକିସ୍ତାନ ଏବେ ବି ଆଲୋଚନା ପାଇଁ ଆଶାବାଦୀ। ରାଜଧାନୀ ଇସଲାମାବାଦରେ ଏବେ ଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଗଲାଣି। ପାକିସ୍ତାନର ସେନା ଅଧ୍ୟକ୍ଷ ମୁନୀର ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ହର୍ମୁଜରୁ ଅବରୋଧ ହଟାଇବା ଲାଗି ଅନୁରୋଧ କରିଛନ୍ତି। ଟ୍ରମ୍ପ ଏହା ବିଚାରକରିବାକୁକୁଆ।ାଢ଼େପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଯୁଦ୍ଧବିରତି ସତ୍ତ୍ୱେ ଆମେରିକା ପକ୍ଷରୁ ହର୍ମୁଜରେ ଜାରି ରହିଥିବା ସାମୁଦ୍ରିକ ଅବରକୁ ଇରାନ୍ ଗ୍ରହଣ କରିପାରୁ ନାହିଁ। ତେହେରାନ ଅଭିଯୋଗ କରିଛି ଯେ ଆମେରିକା ଏକ 'ଦୋଷାରୋପର ଖେଳ' ଖେଳୁଛି ଏବଂ ବିଶ୍ୱ ଦରବାରରେ ଇରାନ୍ ଉପରେ ଚାପ ପକାଇବାକୁ ମିଥ୍ୟା ପ୍ରଚାର କରୁଛି। ଇରାନର ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଏସମାଇଲ ବାଘାଇ କହିଛନ୍ତି ଯେ, ଆମେରିକା ପ୍ରଥମ ଦିନରୁ ହିଁ ଯୁଦ୍ଧବିରତି ଚୁକ୍ତିକୁ ଉଲ୍ଲଂଘନ କରିଆସିଛି। ପୂର୍ବ ଆଲୋଚନା ସମୟରେ ଆମେରିକା ପକ୍ଷରୁ କରାଯାଇଥିବ। ▶ପୃଷ୍ଠା-୭

## ବ୍ରହ୍ମଗିରିରେ ଲଜ୍ଜା

# ୬ ବର୍ଷର ଶିଶୁକୁ ଦୁଷ୍କର୍ମ

■ ବ୍ରହ୍ମଗିରି,୨୦।୪(ସମିସ): ରାଜ୍ୟରେ ମହିଳାଙ୍କୁ ଯୌନ ନିର୍ଯାତନା ଘଟଣା ବଢ଼ିବାରେ ଲାଗିଛି। କିଛିଦିନ ପୂର୍ବରୁ ମହିଳା ବିଶେଷକରି ଛାତ୍ରୀଙ୍କ ଉପରେ ହେଉଥିବା ଏଭଳି ଖବରକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା, ଆଲୋଚନା ଜୋର୍ ଧରିଥିଲା। ଏବେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ପୁଣି ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ବ୍ରହ୍ମଗିରି ଥାନା ସାତପଡ଼ା ଫାଣ୍ଡି ଅଞ୍ଚଳର ଜଣେ ୬ ବର୍ଷୀୟା ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି।



ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଶିଶୁକନ୍ୟାକୁ ପଡ଼ିଶା ଘରର ଜଣେ ୨୧ ବର୍ଷୀୟ ଯୁବକ ତାଙ୍କ ଘରକୁ ଡାକିନେଇଥିଲା। ଶିଶୁକନ୍ୟାର ହାତ ବାନ୍ଧି ଦୁଷ୍କର୍ମ କରିଥିବା ପରିବାର ଲୋକେ ସାତପଡ଼ା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାକୁ ପ୍ରଥମେ ରଫାଦଫା କରିବା ପାଇଁ ଚେଷ୍ଟା କରିଥିଲା। ହେଲେ ପରିବାର ଲୋକେ ସମାଧାନ ପାଇଁ ରାଜି ହୋଇ ନ ଥିଲେ। ତେଣୁ ପୁଲିସ ବାଧ ହୋଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏଥିସହ ଗୁରୁତର ନାବାଳିକାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଏ ସମ୍ପର୍କରେ ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଫଳରେ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

ସୂଚନାଥାଉ କି, ଗତ ମାର୍ଚ୍ଚ ୨୦ ତାରିଖରେ ବ୍ରହ୍ମଗିରି ଅଞ୍ଚଳରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତା ଛାତ୍ରୀଙ୍କୁ ବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷକ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ ଛାତ୍ରୀ ଜଣକ ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ବିଦ୍ୟାଳୟ ପରିଚାଳନା କମିଟିକୁ ଜଣାଇଥିଲେ। ତେଣୁ ଏଭଳି ଏକ ▶ପୃଷ୍ଠା-୭

# କଟକରେ ଅକ୍ଷିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ

## ୪୧.୬୮ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୮୩୮ କୋଟି ସହାୟତା



■ କଟକ/ଭୁବନେଶ୍ୱର, ୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅକ୍ଷିମୁଠି ଅନୁକୂଳ କରିବା ସହ ୪୧,୬୮, ୫୮୨ ଜଣ ଚାଷୀଙ୍କୁ ସିଏମ-କିଷାନ ଯୋଜନାରେ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଆମ ବିହନ ରଥ' ଓ 'କୃଷି ରଥ'ର ଶୁଭାରମ୍ଭ କରିଛନ୍ତି। ଏହି ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ର ଗୁଡିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୩୧ଟି ବ୍ଲକରେ ଚାଲୁ ହେବ। ୫ କେଜିଆ

**ରାଜ୍ୟରେ ବୁଲିବ 'ଆମ ବିହନ ରଥ' 'କୃଷି ରଥ'**

ପ୍ୟାକେଟ୍ ଆକାରରେ ନୂତନ କିସମର ଧାନ ବିହନ ଗ୍ରାମ ପଞ୍ଚାୟତ ସ୍ତରରେ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ୨୦୨୬ ଖରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା ଓ ଏହି ଯୋଜନା ତାହାର ଉଦାହରଣ। ଆଜି ସହାୟତା ପାଇଥିବା ଚାଷୀମାନଙ୍କ ମଧ୍ୟରୁ ୪୧,୨୪,୨୪୧ ଜଣ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ୪୧,୦୪୯ ଜଣ ହେଉଛନ୍ତି ଭୂମି ହୀନ ▶ପୃଷ୍ଠା-୭

# ଦିଲ୍ଲୀରୁ ଫେରିଲେ ନବୀନ

## ସ୍ୱାଗତ ପାଇଁ ବିମାନବନ୍ଦରରେ ପ୍ରବଳ ଭିଡ଼

■ ଭୁବନେଶ୍ୱର,୨୦।୪(ସମିସ): ସୋମବାର ଦିଲ୍ଲୀ ଗସ୍ତରୁ ଫେରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଦଳର ବହୁ ନେତା ଓ କର୍ମୀ ନବୀନଙ୍କୁ ସ୍ୱାଗତ କରିବା ସହ ନବୀନ ନିବାସ ପର୍ଯ୍ୟନ୍ତ ପାଛୋଟି ନେଇଛନ୍ତି। ଚିକିତ୍ସାଧୀନ ବଡ଼ଭାଇ ପ୍ରେମ୍ ପଟ୍ଟନାୟକଙ୍କୁ ଭେଟିବା ପାଇଁ ନବୀନ ଗତ ୧୦ ତାରିଖରେ ଦିଲ୍ଲୀ ଗସ୍ତ କରିଥିଲେ। ଏହି ସମୟରେ ନବୀନ ସଂସଦରେ ଆସିଥିବା ସମ୍ବିଧାନ ସଂଶୋଧନ ବିଲ୍‌କୁ ଦିଲ୍ଲୀରେ ବିରୋଧ କରିବା ସହ ଓଡ଼ିଶା ସ୍ୱାର୍ଥ ବିରୋଧୀ ଏହି ବିଲ୍ ବିପକ୍ଷରେ ଛିଡ଼ା ହେବାକୁ ଦଳର ସାଂସଦମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଓଡ଼ିଶା ସ୍ୱାର୍ଥ ବିରୋଧୀ ଏହି ବିଲ୍‌କୁ ବିରୋଧ କରିବା ପାଇଁ ରାଜ୍ୟର ସମସ୍ତ ସାଂସଦଙ୍କୁ ମଧ୍ୟ ଚିଠି ଲେଖିଥିଲେ।



## ଉଠିଲାନି ସବୁ ଖରିଫ ଧାନ

# ରାସ୍ତା ରୋକିଲେ ଚାଷୀ

- ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଧୂଆଁ ବାଣ
- ବଲାଙ୍ଗିର ଜିଲ୍ଲାରେ ଏବେ ବି କିଣାଯାଇନି ୧୫୯ ଚାଷୀଙ୍କ ଧାନ
- ୧୫ ଦିନରେ ନ କିଣିଲେ ଜିଲ୍ଲାପାଳଙ୍କ ଅଫିସ ଘେରଉ ପାଇଁ ଚେତାବନୀ




■ ବଲାଙ୍ଗିର, ୨୦।୪ (ସମିସ): ପବିତ୍ର ଅକ୍ଷୟ ତୃତୀୟାରେ ରାଜ୍ୟ ସରକାରଙ୍କ ନେତାମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଜମିରେ ହଳ କରି ଅକ୍ଷିମୁଠି ଅନୁକୂଳ କରିଛନ୍ତି; ହେଲେ ବଲାଙ୍ଗିରରେ ଚାଷୀ ଅଖିମୁଠି ଅନୁକୁଳ କରିବା ବଦଳରେ ରାସ୍ତାକୁ ଓହ୍ଲାଇଥିଲେ। ମିଳିତ ଚାଷୀ ସଙ୍ଗଠନ ପକ୍ଷରୁ ସାଲେଭଟାରେ ଚାଷୀ ୨୬ ନଂ ଜାତୀୟ ରାଜପଥରେ ଏକାଠି ହୋଇଥିଲେ। ସେଠାରେ ଧାନବସ୍ତା ପକାଇ ଅବରୋଧ କରିଥିଲେ। ଜିଲ୍ଲାରେ ଏବେ ବି ଅନେକ ଚାଷୀଙ୍କ ଧାନ କିଣା ଯାଇ ନ ଥିବା ସଙ୍ଗଠନ ଅଭିଯୋଗ କରିଛି।

ବଲାଙ୍ଗିର ଜିଲ୍ଲାରେ ଚଳିତ ବର୍ଷ ଖରିଫ ଧାନକିଣା ପ୍ରକ୍ରିୟା ଶେଷ ହୋଇଛି; କିନ୍ତୁ ଏବେ ବି ଜିଲ୍ଲାରେ ପ୍ରାୟ ୭୦ ହଜାର ଟାର୍ଗେଟ ବକେୟା ପଡିଛି। ଜିଲ୍ଲାରେ ପ୍ରାୟ ୧୫୯ ଜଣ ଚାଷୀଙ୍କ ଧାନ କିଣାଯାଇନି। ୩ଟି ପର୍ଯ୍ୟାୟରେ ୪୫୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନକିଣା ଟାର୍ଗେଟ ଆସିଥିଲା; କିନ୍ତୁ ଅନେକ ଚାଷୀ ଅଧିକ ଧାନ ଅମଳ କରୁଥିବା ବେଳେ ବଳକା ଧାନ ବିକ୍ରି କରିପାରି ନ ଥିବା ଅଭିଯୋଗ କରିଛନ୍ତି। ଏବେ ବି ଚାଷୀଙ୍କ ପାଖରେ ଧାନ ପଡି ରହିଛି। ସରକାର ଟୋକନ ଦେଉ ନ ଥିବାରୁ ପେକ୍ସରେ ଟାର୍ଗେଟ ଥିବା ସତ୍ତ୍ୱେ ଧାନ କିଣା ଯାଇପାରୁ ନ ଥିବା ମିଳିତ ଚାଷୀ ସଂଗଠନ ▶ପୃଷ୍ଠା-୭

# ଘୁଞ୍ଚିଘୁଞ୍ଚି ଯାଉଛି ମହାନଦୀ ଶୁଣାଣି

## ମେ ୨ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ

- ଆପୋସ ବୁଝାମଣା କେବଳ ଏକ ପ୍ରହେଳିକା: ବିଜେଡି
- ଓଡ଼ିଶା ପ୍ରତି ଅନ୍ୟାୟ କରୁଛି ଟ୍ରିପଲ ଇଞ୍ଜିନ: କଂଗ୍ରେସ
- ମହାନଦୀର ଭାଗ୍ୟ କାବେରୀ ପରି ହେବ: ବିଶେଷଜ୍ଞ



■ ଭୁବନେଶ୍ୱର,୨୦।୪(ସମିସ): ମହାନଦୀ ଜଳ ବିବାଦ ମାମଲାରେ ସୋମବାର ଟ୍ରିବ୍ୟୁନାଲରେ ଶୁଣାଣି ହୋଇଥିବା ବେଳେ ଓଡ଼ିଶାକୁ ଆଉ ଏକ ତାରିଖ ମିଳିଛି। ଗତ ଶୁଣାଣିରେ ଟ୍ରିବ୍ୟୁନାଲ ମହାନଦୀରେ କେତେ ଜଳ ସଂଗୃହୀତ ହେଉଛି, ତାହାର ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉଭୟ ରାଜ୍ୟ ଏହି ତଥ୍ୟ ପ୍ରଦାନ କରିନାହାନ୍ତି। ତେଣୁ ଉଭୟ ରାଜ୍ୟ ଏନେଇ କିଛି ସମୟ ଲୋଡ଼ିଥିବା ବେଳେ ଟ୍ରିବ୍ୟୁନାଲ ଆସନ୍ତା ୨ ତାରିଖ ଯାଏଁ ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ର ବୈଷୟିକ ଏବଂ ଅଧିକାରୀସ୍ତରୀୟ ଟିମ୍ କଥାବାର୍ତ୍ତା ହୋଇ ମହାନଦୀରେ ଜଳ ସଂଗ୍ରହ ବାବଦ ତଥ୍ୟ ଟ୍ରିବ୍ୟୁନାଲଙ୍କୁ ପ୍ରଦାନ କରିବେ ବୋଲି ଓଡ଼ିଶାର ଆଡଭୋକେଟ ଜେନେରାଲ ସୂଚନା ଦେଇଛନ୍ତି। ଇତିମଧ୍ୟରେ ୫୨ଥର ଶୁଣାଣି ସରିଥିଲେ ବି ଟ୍ରିବ୍ୟୁନାଲ ଓଡ଼ିଶା ସପକ୍ଷରେ କୌଣସି ପଦକ୍ଷେପ ନ ନେବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଟ୍ରିବ୍ୟୁନାଲରେ ଶୁଣାଣି ।।ରେ ଏପରି କଚ୍ଛପ ଗତିକୁ ନେଇ ବିଶେଷଜ୍ଞମାନେ କ୍ଷୋଭ ପ୍ରକାଶ କରିବା ସହ ଓଡ଼ିଶାର ଭାଗ୍ୟ କାବେରୀ ପରି ହେବା ଆଶଙ୍କା ପ୍ରକାଶ କରିଛନ୍ତି।

ରାଜ୍ୟରେ ବିଜେପି କ୍ଷମତାକୁ ▶ପୃଷ୍ଠା-୭

## ବାର୍ଷିକ ରିଭିଜନରେ ଓଡ଼ିଶାର ୧୦ ଲକ୍ଷ ଭୋଟରଙ୍କ ନାମ ବାଦ୍

# ନିର୍ବାଚନ କମିସନଙ୍କ କାର୍ଯ୍ୟକୁ ନେଇ ବିଜେଡିର ସନ୍ଦେହ

ଭୁବନେଶ୍ୱର,୨୦।୪(ସମିସ): ଭାରତର ଭୋଟର ତାଲିକରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ ମାଧ୍ୟମରେ ଭୋଟର ତାଲିକାରୁ ଅଧିକରୁ ଅଧିକ ଭୋଟରଙ୍କ ନାମ କଟିଯାଉଥିବା ଅଭିଯୋଗରେ କଡ଼ା ଉଦବେଗ ପ୍ରକାଶ କରିଛି ବିଜେଡି। ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ସେଭଳି ହେବାର ସନ୍ଦେହ ସୃଷ୍ଟି ହୋଇଥିବା ଦଳ ଅଭିଯୋଗ କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିରୋଧୀ ଦଳର ଉପନେତା ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ବିଜୟ ନାୟକ ଭୋଟର ତାଲିକାରୁ ଅଧିକରୁ ଅଧିକ ସଂଖ୍ୟାରେ ଭୋଟରଙ୍କ ନାମ ବାଦ୍ ପଡୁଥିବା ଅଭିଯୋଗରେ ନିର୍ବାଚନ କମିସନଙ୍କ କାର୍ଯ୍ୟକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି।

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ନିର୍ବାଚନ କମିସନଙ୍କ ଇଲେକ୍ଟ୍ରାଲ ରୋଲରେ ପ୍ରତିବର୍ଷ ଜାନୁଆରୀରେ ରିଭିଜନ ହୁଏ । ମାତ୍ର ଚଳିତ ବର୍ଷ ସଂଶୋଧନରେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କୁ ବାଦ୍ ଦିଆଯିବା ସନ୍ଦେହଜନକ। ଓଡ଼ିଶାରେ ଏସଆଇଆର ହେବାକୁ ଯାଉଥିବା ବେଳେ ଅଧିକ ଭୋଟରଙ୍କ ନାମ ବାଦ୍ ପଡିବା ଆଶଙ୍କା ଦେଖାଦେଇଛି । ଓଡ଼ିଶାରେ ୨୦୦୨



### ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୫ କୋଟିରୁ ଊର୍ଦ୍ଧ୍ୱ ବାଦ୍

ମସିହାରେ ଏସଆଇଆର୍ ହୋଇଥିଲା। ୨୦୨୫ ମସିହା ଅଗଷ୍ଟ ୧୯ ତାରିଖରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଦେଶର ନିର୍ବାଚନ କମିସନରଙ୍କୁ ଭେଟି ଏହି ସମ୍ବନ୍ଧରେ ନିଜର ଆଶଙ୍କା ପ୍ରକାଶ କରିଥିଲା । ଯେଉଁମାନେ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି, ତାଙ୍କ ନାମ ଯେପରି ଭୋଟର ତାଲିକାରୁ ବାଦ୍ ନ ପଡେ ସେଥିପ୍ରତି ଯତ୍ନବାନ ହେବା ଉଚିତ ବୋଲି ବିଜେଡି କହିଥିଲା । ଦେଶର ଜଣେ ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡିବା ଦ୍ୱାରା ତାର ମୌଳିକ ଅଧିକାର କ୍ଷୁଣ୍ଣ ହେଉଛି ବୋଲି ଶ୍ରୀ ମିଶ୍ର କହିଥିଲେ।

ସେହିପରି ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ଏସଆଇଆର ପ୍ରସଙ୍ଗରେ ନିର୍ବାଚନ କମିସନରଙ୍କ ସମଗ୍ର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟ ରାଜ୍ୟମାନଙ୍କରେ କୋଟି କୋଟି ଭୋଟରଙ୍କୁ ବାଦ୍ ଦିଆଯାଇଥିବାର ଅଭିଯୋଗ ଆସିଛି । ପ୍ରାୟ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରାୟ ୫ କୋଟିରୁ ଅଧିକ ଭୋଟରମାନଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି । ଓଡ଼ିଶାରେ ଏସଆଇଆର ହେବାକୁ ଯାଉଥିବା ବେଳେ ଯୋଗ୍ୟ ଭୋଟରମାନଙ୍କୁ ତାଲିକାରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି । ଦୁଇ ଦିନ ତଳେ ନିର୍ବାଚନ କମିସନଙ୍କ ଏକ ଚିଠି ଏହି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି। ଏକ ବର୍ଷ ୪ ମାସ ତଳେ ଯେଉଁମାନେ ଭୋଟର ତାଲିକାରେ ଥିଲେ, ସେଥିରୁ ପ୍ରାୟ ୧୦ ଲକ୍ଷ ଭୋଟର ବାଦ୍ ପଡିବା ନିଶ୍ଚିତ ଭାବେ ଅଧିକ ସନ୍ଦେହଜନକ। ସରକାର ଓ ନିର୍ବାଚନ କମିସନ ଏହି ସନ୍ଦେହକୁ ଦୂର କରନ୍ତୁ ଏବଂ କିପରି ଜନସାଧାରଣଙ୍କ ଭୋଟ ଦେବାର ଅଧିକାର ଯେପରି କ୍ଷୁଣ୍ଣ ନହୁଏ, ସେଥିପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

# ମହାପ୍ରଭୁଙ୍କ ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି: ମୁଖ୍ୟ ପ୍ରଶାସକ

### ୧୯୭୮ ତାଲିକା ସହ ଶତ ପ୍ରତିଶତ ମେଳ ଖାଉଛି ୨୦୨୬ ଗଣତିମଣତି

ପୁରୀ,୨୦।୪(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ଶେଷଥର ୧୯୭୮ ମସିହାରେ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଗଣତିମଣତିରେ ତାହାର ମେଳ କରାଯାଉଛି ଓ ଏଥିରେ କିଛି ବ୍ୟତିକ୍ରମ ଦେଖାଯାଇ ନାହିଁ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ ପାଢ଼ୀ । ସେ କହିଛନ୍ତି ଯେ ମହାପ୍ରଭୁଙ୍କ ଅପାର କରୁଣା ଓ ଦିବ୍ୟ ଆଶୀର୍ବାଦରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ସୁଚାରୁ ଓ ସୁରୁଖୁରୁରେ ଅଗ୍ରସର ହେଉଛି। ପୂର୍ବ ତାଲିକା ଅନୁଯାୟୀ ମହାପ୍ରଭୁଙ୍କ ସ୍ୱର୍ଣ୍ଣ,ରୌପ୍ୟ ଅଳଙ୍କାର ଓ ରତ୍ନ ସବୁ ମେଳ ଖାଉଛି। ଏହି ପବିତ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ୱଚ୍ଛତା, ସାଧୁତା, ନିଷ୍ଠା ଓ ସମର୍ପଣ ମନୋଭାବ ନେଇ କରାଯାଉଛି। ବିଶେଷକରି ଗଜପତି ମହାରାଜାଙ୍କ ମାର୍ଗଦର୍ଶନ ଏବଂ ଉଚ୍ଚସ୍ତରୀ କମିଟିର ଅଧ୍ୟକ୍ଷ ତଥା ସମସ୍ତ ସଦସ୍ୟଙ୍କ ସହଯୋଗ ଏହି ପ୍ରକ୍ରିୟାକୁ ଦୃଢ଼ତା ଦେଇଛି। ପ୍ରଥମେ ଚଳନ୍ତି ଭଣ୍ଡାର ଓ ପରେ ବାହାର ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ସଫଳତାର ସହିତ ସମ୍ପନ୍ନ ହୋଇଛି। ଏବେ ଭିତର ରତ୍ନଭଣ୍ଡାରର ଗଣତି ପ୍ରକ୍ରିୟା ମଧ୍ୟ ସୁଚାରୁ ଭାବେ ଅଗ୍ରସର ହେଉଛି। ସବୁଠୁ ବଡ଼ କଥା ହେଉଛି ବର୍ତ୍ତମାନ ସୁଦ୍ଧା ଯାହା ଗଣତି କରାଯାଇଛି ତାହା ୧୯୭୮ ମସିହା ତାଲିକା ସହ ମେଳ ଖାଉଛି। ପୂର୍ବ ତାଲିକାର କ୍ରମିକ ଅନୁଯାୟୀ ଗୋଟିଏ ବି ରତ୍ନ ଅଳଙ୍କାର ଏପଟସେପଟ ହୋଇନାହିଁ ବା ହଜିନାହିଁ। ୧୯୭୮ ମସିହା ତାଲିକା ସହ ବର୍ତ୍ତମାନ ୨୦୨୬ରେ କରାଯାଉଥିବା ତାଲିକା ଶତ ପ୍ରତିଶତ ମେଳ ଖାଉଛି ବୋଲି ଦୃଢ଼ତାର ସହ କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ସେହିପରି ସମଗ୍ର ପ୍ରକ୍ରିୟା ସହିତ ଅଳଙ୍କାରମାନଙ୍କର ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ୩ଡି ମ୍ୟାପିଙ୍ଗ୍ ମଧ୍ୟ କରାଯାଉଛି। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ପଦକ୍ଷେପ ନିର୍ଦ୍ଧାରିତ ପ୍ରକ୍ରିୟା ଓ ସମୟାବଧିରେ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି ।

ଇତିମଧ୍ୟରେ ପର୍ଯ୍ୟାୟକ୍ରମେ ୯ ଦିନ ଧରି ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ହୋଇଛି। ମାର୍ଚ୍ଚ ୨୫ରେ ଚଳନ୍ତି ଭଣ୍ଡାର ଓ ଏପ୍ରିଲ୍ ୮, ୯, ୧୦ ଓ ୧୧ ତାରିଖରେ ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି କାର୍ଯ୍ୟ ଶେଷ ହୋଇଥିଲା। ଚଳନ୍ତି ଭଣ୍ଡାର ଓ ବାହାର ଭଣ୍ଡାର ଅଳଙ୍କାର ଗଣତି କରାଯିବା ପରେ ଭଣ୍ଡାର ମେକାପ ସେବକଙ୍କୁ ମଣତି (ହିସାବ କରି ନେବା) ଦିଆଯାଇଛି। ଏହାପରେ ଏପ୍ରିଲ୍ ୧୩ରୁ ଆରମ୍ଭ ହୋଇଥିବା ଭିତର ରତ୍ନଭଣ୍ଡାର ଅଳଙ୍କାର କେବଳ ଗଣତି କରାଯାଉଛି। ଭିତର ରତ୍ନଭଣ୍ଡାର ଏପ୍ରିଲ ୧୩, ୧୬, ୧୭ ଓ ୧୮ ତାରିଖରେ ଗଣତି ପରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ନୀତିକାନ୍ତି ପାଇଁ ଗଣତି କାର୍ଯ୍ୟ ଏବେ ବନ୍ଦ ରଖାଯାଇଛି। ଅର୍ଥାତ୍ ମୋଟ୍ ୯ ଦିନ ରତ୍ନ ଅଳଙ୍କାର ଗଣତିମଣତି ହୋଇଛି। ବାହାର ଚନ୍ଦନ ଯାତ୍ରା ସରିବା ପରେ ପୁନଶ୍ଚ ଭିତର ରତ୍ନଭଣ୍ଡାରର ବଳକା ଅଳଙ୍କାର ଗଣତି କରାଯିବ ବୋଲି ସୂଚନା ମିଳିଛି ।

# ପୁରୀ ରଥ ନିର୍ମାଣର ଶୁଭ ଅନୁକୂଳ



ପୁରୀ,୨୦।୪(ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ରଥଯାତ୍ରା। ଏଥିପାଇଁ ପରମ୍ପରା ମୁତାବକ ସୋମବାର ପବିତ୍ର ଅକ୍ଷୟ ତୃତୀୟାରେ ଶ୍ରୀଜୀଉଙ୍କ ତିନିରଥ ନିର୍ମାଣ ଅନୁକୂଳ ହୋଇଛି। ଅପରାହ୍ଣ ୫ଟା ୪୦ରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ଶ୍ରୀନଅର ସମ୍ମୁଖରେ ପହଞ୍ଚିଥିଲା। ଅନୁକୂଳ ପାଇଁ ରଖାଯାଇଥିବା କାଠରେ ଆଜ୍ଞାମାଳ ବିଜେ ହେବା ପରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଥିଲା। ଏହି ଅବସରରେ ରଥ ନିର୍ମାଣରେ ନିୟୋଜିତ ସେବକଙ୍କର ଶାଢ଼ି ବନ୍ଧାଯାଇଥିଲା।

ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ସ୍ନାନ କରାଯାଇ ରଖାଯାଇଥିଲା। ଦେଉଳ ପୁରୋହିତ ଓ ଶ୍ରୋତ୍ରୀୟ ବ୍ରାହ୍ମଣ ଅପରାହ୍ଣରେ ରଥଖଳାରେ ବନଯାଗର ସଂକ୍ଷିପ୍ତ ପଦ୍ଧତିରେ ରଥକାଠ ଅନୁକୂଳ ନୀତି କରିଥିଲେ। ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ଆଣି ହୋମରେ ଅଗ୍ନି ସ୍ଥାପନା କରାଯାଇଥିଲା। ନୃସିଂହ ମନ୍ତ୍ରରେ ଆହୁତି ଦିଆଯାଇଥିଲା। ଏହାପରେ ମା' ଦକ୍ଷିଣକାଳୀଙ୍କ ମନ୍ତ୍ରରେ ନୂତନ ଭାବେ ଅଣାଯାଇଥିବା ତିନୋଟି କୁରାଢ଼ି ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା। ରାଜ ପ୍ରତିନିଧି ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ, ଆଚାର୍ଯ୍ୟ ଭାବେ ଦେଉଳ ପୁରୋହିତ ସିଦ୍ଦେଶ୍ୱର ମହାପାତ୍ର ପ୍ରମୁଖ ଏଥିରେ ସାମିଲ ଥିଲେ। ସେପଟେ ଶ୍ରୀମନ୍ଦିରରେ ମଧ୍ୟାହ୍ନଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣ ଦୁଇ ଦେବଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ମଣିବିମାନରେ ବିଜେ କରାଇଥିଲେ। ଏହାପରେ ମାଳଫୁଲ ଲାଗି ବିଜେ କାହାଳୀ ବାଜିଥିଲା। ତିନିଜଣ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ତିନିଗୋଟା ଆଜ୍ଞାମାଳ ନେଇ ପାଲିଙ୍କି ଓ ବିମାନ ଆଗେ ଆଗେ ରଥଖଳାକୁ ଯାଇଥିଲେ। ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ଶୋଭାଯାତ୍ରାରେ ପାଲିଙ୍କି ଓ ବିମାନରେ ଠାକୁରଙ୍କୁ ନେଇ ସିଂହଦ୍ୱାର ଦେଇ ବଡ଼ଦାଣ୍ଡକୁ ଓହ୍ଲାଇ ରଥଖଳାରେ ପହଞ୍ଚିଥିଲେ। ଠାକୁରଙ୍କ ପଛେ ପଛେ ବିମାନରେ ପଞ୍ଚ ମହାଦେବ ଆସିଥିଲେ। ଏହାପରେ ତିନିଠାକୁରଙ୍କ ତିନିଗୋଟା ଆଜ୍ଞାମାଳ ୩ ଖଣ୍ଡ କାଠରେ ବିଜେ କରାଯାଇଥିଲା। ଦେଉଳ ପୁରୋହିତ ପୂଜା ହୋଇଥିବା ସୁନା କୁରାଢ଼ିରେ ସ୍ପର୍ଶ କରି ରଥ ନିର୍ମାଣ ଅନୁକୂଳ କରିଥିଲେ। ମଙ୍ଗଳବାରଠାରୁ ବିଧିବଦ୍ଧ ଭାବେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ।

ଏହି ଅବସରରେ ରଥକାର୍ଯ୍ୟ ନିମନ୍ତେ ବିଶ୍ୱକର୍ମାମାନଙ୍କୁ ବରଣ କରାଯାଇଥିଲା। ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ଦେଉଳକରଣ ରଥ ନିର୍ମାଣ ସହିତ ସମ୍ପୃକ୍ତ ବିଶ୍ୱକର୍ମାଙ୍କୁ ଶାଢ଼ି ବାନ୍ଧିଥିଲେ। ତିନିବାଡ଼ର ମୁଖ୍ୟ ବିଶ୍ୱକର୍ମା ନନ୍ଦିଘୋଷ ରଥର ବିଜୟ କୁମାର ମହାପାତ୍ର, ବଡ଼ଠାକୁରଙ୍କ ତାଳଧ୍ୱଜ ରଥର ନରସିଂହ ମହାପାତ୍ର, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ନାରାୟଣ ମହାରଣାଙ୍କ ସମେତ ୯ ଜଣ ମହାରଣା ଶାଢ଼ି ବନ୍ଧାଇଥିଲେ। ସେହିପରି ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ, ରୂପକାର ସେବକ ପ୍ରମୁଖ ଶାଢ଼ି ବନ୍ଧାଇଥିଲେ। ଶ୍ରୀମନ୍ଦିରରୁ ଆସିଥିବା ତିନି ଆଜ୍ଞାମାଳ ରଥକାଠରେ ଲାଗି ହେବା ପରେ ତିନିବାଡ଼ର ବିଶ୍ୱକର୍ମା ଉକ୍ତ ଆଜ୍ଞାମାଳକୁ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ଚର୍ଚ୍ଚିକା ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। ରଥ ନିର୍ମାଣ ଅନୁକୂଳ ବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ସୋମବାର ପୂଜା ହୋଇଥିବା ତିନିଖଣ୍ଡ ଧଉରା କାଠରେ ନୃସିଂହ ଚତୁର୍ଦ୍ଦଶୀ ଦିନ ରଥର କଣଗୁଜ ଅନୁକୂଳ ହେବ। ରୂପକାର ସେବକମାନେ କଣଗୁଜ ତଥା ନୃସିଂହ ଗୁଜ ନିର୍ମାଣ କରିବେ।

46001/2/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁଭଦ୍ରା

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା ପାଇଁ
ଓଡ଼ିଶା ସରକାରଙ୍କର ଏକ ଅଗ୍ରଗାମୀ ପଦକ୍ଷେପ

ଓଡ଼ିଶାର ୨୭ ଜିଲ୍ଲାରେ ୧,୦୦୦ରୁ ଊର୍ଦ୍ଧ୍ୱ କନ୍ୟାଙ୍କ
ସାମୂହିକ ବିବାହ

୨୧ ଅପ୍ରେଲ ୨୦୨୬

ଯୋଜନାର ଲାଭ
- ପ୍ରତ୍ୟେକ ବିବାହ ପାଇଁ ୬୦ ହଜାର ଟଙ୍କା
- ବିବାହର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ
- ସହଜ ଏବଂ ସରଳୀକୃତ ବିବାହ ପଞ୍ଜୀକରଣ

ଲାଭାର୍ଥୀଙ୍କ ଆବଶ୍ୟକ ଯୋଗ୍ୟତା
- ଉଭୟ କନ୍ୟା ଏବଂ ବର ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ
- ବୟସ: କନ୍ୟା: ୧୮-୩୫ ବର୍ଷ ବର: ୨୧-୩୫ ବର୍ଷ
- ପରିବାରର କୌଣସି ସଦସ୍ୟଙ୍କୁ ପୂର୍ବରୁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ତରଫରୁ ବିବାହ ସହାୟତା ମିଳିନଥିବ

ଯୋଜନାର ସ୍ୱତନ୍ତ୍ର ବିଶେଷତା
- ବିଧବା ବିବାହକୁ ପ୍ରୋତ୍ସାହନ

ସହାୟତା ନମ୍ବର: ପୁଲିସ୍ ହେଲ୍ପଲାଇନ୍ ୧୧୨ | ମହିଳା ହେଲ୍ପଲାଇନ୍ ୧୮୧ | ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

OIPR-46001/46005/2/26-27/0002

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
wcd.odisha.gov.in wcdodisha/

### ଦର ବୃଦ୍ଧି ପରେ ବି ରହିଛି ଚାହିଦା

# ଅକ୍ଷୟ ତୃତୀୟାରେ ସୁନା ଦୋକାନରେ ଭିଡ଼





ବ୍ରହ୍ମପୁର,୨୦ ।୪(ସମିସ)

ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ସହରର ସମସ୍ତ ସୁନା ଦୋକାନରେ ଗ୍ରାହକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ଦିନକୁ ଲୋକେ ଶୁଭଦିନ ଭାବେ ବିବେଚନା କରିଥାନ୍ତି । ସୁନା ଓ ରୁପା ଭଳି ମୂଲ୍ୟବାନ ଧାତୁ ଗ୍ରାହକମାନେ ଏହି ଦିନ କିଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ତେଣୁ ଭଲ ବ୍ୟବସାୟ ଆଶାରେ ସୋ'ରୁମ୍ ଗୁଡ଼ିକ ମଧ୍ୟ ଏହି ଦିନ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । ସହରରେ ପ୍ରାୟ ୧୦୦ରୁ ଅଧିକ ସୁନା ଦୋକାନ ରହିଥିବା ବେଳେ ୩୦ରୁ ଅଧିକ ନାମୀଦାମୀ ସୁନା ଦୋକାନ ରହିଛି । ଚଳିତବର୍ଷ ୨୨କ୍ୟାରେଟର ସୁନା ଗ୍ରାମ ପିଛା ୧୪ହଜାର ୨୩୫ ଟଙ୍କା ରହିଥିବା ବେଳେ ୨୪କ୍ୟାରେଟର ସୁନା ଗ୍ରାମ ପିଛା ୧୫ହଜାର ୫୨୯ଟଙ୍କା ରହିଛି । ସେହିପରି ରୂପା ଗ୍ରାମ ପିଛା ୨୮୦ଟଙ୍କା ରହିଛି । ଅକ୍ଷୟ ତୃତୀୟା ଅବସରରେ ରାଜ୍ୟରେ ସୁନା ବିକ୍ରି ବେଶ୍ ବୃଦ୍ଧି ପାଇଛି । ଗତବର୍ଷ ତୁଳନାରେ ଏଥର ବିକ୍ରି ୧୨ରୁ୧୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିବ ବୋଲି ଗହଣା ବ୍ୟବସାୟୀମାନେ କହିଛନ୍ତି । ସୁନା ଦର ଉଚ୍ଚସ୍ତରରେ ଥିଲେ ମଧ୍ୟ ତାହା କିଣାବିକାକୁ ପ୍ରଭାବିତ କରିବ ନାହିଁ । ବିବାହ ଆଦି କାର୍ଯ୍ୟ ଲାଗି ଲୋକମାନେ ଏହି ସମୟରେ ନିଜର ଗହଣା କିଣିଥାନ୍ତି । ସ୍ୱାଭାବିକ ଦିନ ତୁଳନାରେ ଅଧିକ ଗ୍ରାହକ ଷ୍ଟୋର୍‌କୁ ଆସି କିଣାକିଣି କରୁଛନ୍ତି ବୋଲି ବ୍ୟବସାୟୀ ମାନେ କହିଛନ୍ତି । ସୁନାରେ ଲୋକମାନେ ନେକ୍‌ଲେସ୍, ଚୁଡ଼ି, ଚେନ୍, ମୁଦି ଆଦି କିଣୁଥିବା ବେଳେ ହୀରାରେ ମଧ୍ୟ ମୁଦି, ନେକ୍‌ଲେସ୍ ଆଦି ବିକ୍ରି ବୃଦ୍ଧି ହେଉଛି । ଷ୍ଟୋନ୍ ଖଚିତ ଗହଣାଗୁଡ଼ିକର ମଧ୍ୟ ଚାହିଦା ରହିଥିବା ସେ କହିଛନ୍ତି । ସେହିପରି ଏହି ଦିନ ସୁନା ଦୋକାନ ଗୁଡ଼ିକରେ ଗ୍ରାହକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୋ'ରୁମ୍‌ଗୁଡ଼ିକ ବ୍ୟାପକ ପ୍ରସ୍ତୁତି କରିଛନ୍ତି । କିଛି ସୋ'ରୁମ୍ ସକାଳ ୮ଟା ସୁଦ୍ଧା ଖୋଲିବ । ଷ୍ଟୋର୍ ଗୁଡ଼ିକରେ ଅତିରିକ୍ତ ପେମେଣ୍ଟ କାଉଣ୍ଟର ଖୋଲାଯାଇଛି । ପୂର୍ବରୁ ବୁକିଂ କରିଥିବା ଗ୍ରାହକଙ୍କୁ ଡେଲିଭରି ଦେବା ଲାଗି ମଧ୍ୟ ଅଲଗା କାଉଣ୍ଟର ରହିଛି । ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ସହର ବଡ଼ ବଜାର, ସନ ବଜାର, ଅନ୍ନପୂର୍ଣ୍ଣା ମାର୍କେଟ, ନୂଆଁ ବସଷ୍ଟାଣ୍ଡ ଓ ପୁରୁଣା ବସଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ଘଣ୍ଟା ଘଣ୍ଟା ଟ୍ରାଫିକ ଜାମ ରହିଥିଲା । ସାଧାରଣତଃ ବଡ଼ ବଜାର ଓ ସାନ ବଜାରରେ ଅଧିକାଂଶ ସୁନା ଦୋକାନ ରହିଥିବା ବେଳେ ଉକ୍ତ ଅଞ୍ଚଳରେ ଗାଡ଼ି ପାର୍କିଂ ନିମନ୍ତେ କୌଣସି ବ୍ୟବସ୍ଥା ନଥିବା ବେଳେ ସେହି ଅଞ୍ଚଳରେ ଅଧିକ ଟ୍ରାଫିକ ସମସ୍ୟା ହୋଇଥିବା ଦେଖିବାକୁ ମିଳିଥିଲା ।

ସେହିପରି ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ସହର ବିଭିନ୍ନ ସ୍ଥାନରେ ଛାଞ୍ଚୁଣି ମଧ୍ୟ ବିକ୍ରି ହୋଇଥିଲା । ଏହି ଦିନରେ ଛାଞ୍ଚୁଣି କ୍ରୟ କରିବା ଦ୍ୱାରା ଶୁଭ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଥାଏ । ସେହିପରି ଲୁଟ ଆଶଙ୍କାରେ ବ୍ରହ୍ମପୁର ପୁଲିସ ଜିଲ୍ଲା ପକ୍ଷରୁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହୋଇଛନ୍ତି ।

### ନାବାଳିକାଙ୍କୁ ଅସଦାଚରଣ ମାମଲା

## ବିବାହିତ ଯୁବକଙ୍କୁ ୩ ବର୍ଷ ଜେଲ୍

ବ୍ରହ୍ମପୁର,୨୦।୪(ସମିସ): ଏକ ନାବାଳିକା ଅସଦାଚରଣ ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ଥିତ ଫାଷ୍ଟଟ୍ରାକ ପୋକସୋ ଅଦାଲତର ଜଜ୍ ରୋହିତ ଲାଲ ପଣ୍ଡା ଜଣେ ବିବାହିତ ଯୁବକଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଯୁବକ ଜଣଙ୍କ ହେଲେ ଦିଗପହଣ୍ଡି ଥାନା ଅଞ୍ଚଳର ମଙ୍ଗୁଲୁ ରାଇସିଂ(୪୪) । ଜେଲ ଦଣ୍ଡ ସହ ତାଙ୍କୁ ୨୫ ହଜାର ଟଙ୍କା ଜୋରିମାନା ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିଜ ରାୟରେ ଉଲ୍ଲେଖ କରିବା ସହ ପିଡ଼ିତା ନାବାଳିକାଙ୍କୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶଯେ, ୨୦୧୮ ଅଗଷ୍ଟ ୪ ତାରିଖରେ ଦିଗପହଣ୍ଡି ଥାନା ଅଞ୍ଚଳର ନାବାଳିକା ଜଣଙ୍କ ନିଜ ଘରେ ଏକୁଟିଆ ଥିବା ବେଳେ ଅଭିଯୁକ୍ତ ମଙ୍ଗୁଲୁ ତାଙ୍କ ଘରେ ଜୋରଜବରଦସ୍ତ ପଶିଥିଲେ । ସେ ନାବାଳିକାଙ୍କୁ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ । ନାବାଳିକା ଜଣଙ୍କ ଚିତ୍କାର କରିବାରୁ ପଡୋଶୀ ଲୋକେ ଘର ନିକଟକୁ ଆସି ଯାଇଥିଲେ । ଏହାଦେଖି ଅଭିଯୁକ୍ତ ମଙ୍ଗୁଲୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ନାବାଳିକାଙ୍କ ପରିବାର ଲୋକେ ଘରକୁ ଫେରିବା ପରେ ଘଟଣା ବିଷୟରେ ଜାଣି ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ଦିଗପହଣ୍ଡି ଥାନାରେ ଏକ ମାମଲା(୧୩୩/୧୮) ରୁଜୁ ହୋଇ ପୁଲିସ ଅଭିଯୁକ୍ତ ମଙ୍ଗୁଲୁକୁ ଗିରଫ କରି ଜେଲ ପଠାଇଥିଲା । ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ । ମାମଲାର ବିଚାରଣ ବେଳେ ୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ଆଜି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ । ରାୟ ପ୍ରକାଶ ବେଳେ ଅଭିଯୁକ୍ତ ମଙ୍ଗୁଲୁ କୋର୍ଟରେ ହାଜର ହୋଇଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ. ଶିବପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ ।

## ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୨ ଗୁରୁତର


ମିଳିଲାନି ଆମ୍ବୁଲାନ୍ସ

ବାଲିଗୁଡା,୨୦।୪(ସମିସ): ଟ୍ରାକ୍ଟର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ବାଇକ ଚାଳକ ଦିଲୀପ ମଲ୍ଲିକ । ଦିଲୀପ ଓ ତାଙ୍କ ଭଉଣୀ ମମତା ମଲ୍ଲିକ ଓ ପତ୍ନୀ ମମତା କହଁର ନିଜ ଘର କୁତୁକେଲିକିଆ ଠାରୁ ବାଇକରେ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ସମୟରେ ଜୁନାଗାଁ ଠାରେ ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ଦିଲୀପଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ତାଙ୍କ ଭଉଣୀ ଓ ପତ୍ନୀ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ । ସ୍ଥାନୀୟ ଲୋକେ ଏକ ଅଟୋରେ ସେମାନଙ୍କୁ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ମୃତକଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି । ଘଟଣା ସ୍ଥଳରୁ ଡାକ୍ତରଖାନା ଯିବା ନିମନ୍ତେ ୧୦୮ ଆମ୍ବୁଲାନ୍ସକୁ ଅନେକ ଥର ଫୋନ୍ କରିଥିଲେ ମଧ୍ୟ ସେହି ସେବା ମିଳିନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

## ଜିଲ୍ଲାସ୍ତରୀୟ ସିଏମ୍ କପ୍; ଜିୟୁଜି ହାଇସ୍କୁଲ ଚାମ୍ପିଅନ

ବ୍ରହ୍ମପୁର,୨୦ ।୪(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଜିଲ୍ଲାସ୍ତରୀୟ ସିଏମ କପ ଫୁଟବଲ ଖେଳର ପ୍ରଥମ ମ୍ୟାଚ ଡ଼ିଏଭି ପବ୍ଲିକ ସ୍କୁଲ ଜିୟୁଜି ହାଇସ୍କୁଲ ବାଳିକା ଦଳ ଓ ଓଏ ଭି ସିଦ୍ଧେଶ୍ୱର ମଧ୍ୟରେ ଖେଳା ହୋଇଥିଲା । ଜିୟୁଜି ହାଇସ୍କୁଲ ବାଳିକା ଦଳ ୧-୦ ଗୋଲରେ ବିଜୟ ହାସଲ କରିଛି । ବାଳିକା



ବାଳିକା ଦଳ ଓ ସେଣ୍ଟ ଜାଭିୟର ବାଳିକା ମଧ୍ୟରେ ଖେଳା ହୋଇଥିଲା । ଡ଼ିଏଭି ପବ୍ଲିକ ସ୍କୁଲ ୩-୦ ଗୋଲରେ ବିଜୟ ହାସଲ କରିଥିଲା । ଦ୍ୱିତୀୟ ମ୍ୟାଚ ଦଳ ମଧ୍ୟରେ ଜିୟୁଜି ହାଇସ୍କୁଲ ସିଏମ କପରେ ଚମ୍ପିୟାନ ହୋଥିବା ବେଳେ ଓଏଭି ସିଦ୍ଧେଶ୍ୱର ବାଳିକା ଦଳ ରନର ହୋଇଛନ୍ତି । ଅତିଥି ଭାବେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ଖେଳାଳି ଡି. ଡି ଗନ୍ତାୟତ ଓ ଉପ ସଭାପତି ବିଜୟ ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ଡ଼ି. ଆପ୍ପା ରାଓ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ ଓ ଜିଏମ ବାବୁ ଉପସ୍ଥିତ ଥିଲେ । ରେଫ୍ରିରୀ ବିଚିତ୍ର ଜେନା ଓ ସହଯୋଗୀ ୱାଇ. ପୂର୍ଣ୍ଣଚନ୍ଦ୍ର ରାଓ, ପି. ରମେଶ, ଭିନସେଣ୍ଟ ଦାସ ଏବଂ ମ୍ୟାଚ କମିଶନର ଭାବେ ସୁଜିତ କୁମାର ପାତ୍ର ମ୍ୟାଚ ପରିଚାଳନା କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି ।

## ଅଶୋକ ହାଇସ୍କୁଲରେ ବନ୍ଧୁମିଳନ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୦ ।୪(ସମିସ): ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଜାମୁନି ସ୍ଥିତ ସରକାରୀ ଅଶୋକ ହାଇସ୍କୁଲରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିଶିର କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଇନ୍ଦ୍ରଜିତ ନାୟକ ଯୋଗ ଦେଇଥିଲେ । ସେହିପରି ମୁଖ୍ୟ ବକ୍ତାଭାବେ ପୂର୍ବତନ ଶିକ୍ଷକ କାଳୀ ଚରଣ ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟତ୍ରୀ ସମ୍ପର୍କକୁ ନେଇ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ପି. ନାରାୟଣ, ପଞ୍ଚାନନ ପାଣିଗ୍ରାହି, ମହେଶ୍ୱର ବେହେରା, ଶିକ୍ଷୟତ୍ରୀ ସୁଜତା ମହାପାତ୍ର, ପ୍ରଜ୍ଞା ପ୍ରିୟଦର୍ଶନୀ ପଣ୍ଡା



ଓ ଗାୟତ୍ରୀ ମହାପାତ୍ରଙ୍କ ସମେତ ନୀଳାଞ୍ଚଳ ପାଣିଗ୍ରାହି ଓ ଏସଏମସି ସଭାପତି କାମରାଜୁ ସେଠୀ ମଞ୍ଚାସିନ ଥିଲେ । ଏ ଅବସରରେ ପୁରାତନ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ମାନିତ କରାଯାଇ ଛାତ୍ରଛାତ୍ରୀ ସେମାନଙ୍କର ଆଶୀର୍ବାଦ ଗ୍ରହଣ କରିଥିଲେ । ଦୀର୍ଘ ୧୭ ବର୍ଷ ପରେ ବିଦ୍ୟାଳୟର ୨୦୦୮-୦୯ ବ୍ୟାଚ୍‌ର ଦଶମ ଶ୍ରେଣୀର ସହପାଠୀ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥିଲେ । କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ନିଜର ଶିକ୍ଷା ଜୀବନର ସେହି ସ୍ମୃତିମୟ ଦିନଗୁଡ଼ିକୁ ମନେପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ । ସହପାଠୀଙ୍କ ସହ ହସି-ମଜା, ଅନୁଭବ ବିନିମୟ ଓ ପୁରୁଣା ଦିନର କଥାବାର୍ତ୍ତାରେ ସମୟ କେମିତି କଟିଗଲା ତାହା ଅନୁଭବ ହୋଇନଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ରୀ ଜ୍ୟୋସ୍ନା କୁମାରୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶତାଧିକ ପୂର୍ବତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

## ଗଞ୍ଜାମରେ ୩ ଦିନ ସ୍କୁଲ ଛୁଟି

ବ୍ରହ୍ମପୁର/ଛତ୍ରପୁର,୨୦ ।୪(ସମିସ): ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ବଢ଼ୁଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସ୍କୁଲକୁ ୩ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି । ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବପ୍ରଥମେ ଗୁରୁତ୍ୱ ଦେଇ ଏହି ସିଦ୍ଧାନ୍ତ ଗ୍ରହଣ କରାଯାଇଥିବା ସୂଚନା ମିଳିଛି । ଗତ କିଛିଦିନ ଧରି ଜିଲ୍ଲାର ତାପମାତ୍ରା ଲଗାତାର ବଢ଼ୁଥିବା ସହିତ ଦିନକୁ ଦିନ ଗରମର ତିବ୍ରତା ଅନୁଭବ ହେଉଛି । ଦିନ ବେଳେ ବାହାରକୁ ବାହାରିବା ଅସୁବିଧା ହେଉଥିବା ବେଳେ, ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀମାନେ ଅଧିକ ପ୍ରଭାବିତ ହେଉଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଥିଲା । ଏହି ପରିସ୍ଥିତିକୁ ମନେରଖି ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ସ୍କୁଲ ଗୁଡ଼ିକୁ ଅସ୍ଥାୟୀ ଭାବେ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଆବଶ୍ୟକ ହେଲେ ପରବର୍ତ୍ତୀ ଦିନରେ ଛୁଟି ସମୟସୀମା ବଢ଼ାଯାଇପାରେ ବୋଲି ମଧ୍ୟ ସୂଚନା ମିଳିଛି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହି ଗ୍ରୀଷ୍ମ ପ୍ରବାହ ସମୟରେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ଅପରାହ୍ନ ସମୟରେ ବାହାରକୁ ନଯିବାକୁ, ପର୍ଯ୍ୟାପ୍ତ ପାଣି ପିବାକୁ ଏବଂ ଘରେ ରହି ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଛନ୍ତି । ଏହିକ୍ରମରେ ଜିଲ୍ଲା ପ୍ରଶାସନର ଏହି ନିଷ୍ପତ୍ତିକୁ ଅଭିଭାବକ ଓ ସାଧାରଣ ଲୋକେ ସ୍ୱାଗତ କରିଛନ୍ତି । ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲଗୁଡ଼ିକ ଆସନ୍ତା ୨୧ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବନ୍ଦ ରହିବ । ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ଏହି ନିୟମ ଲାଗୁ ହୋଇଛି । ପୂର୍ବରୁ ନିର୍ଦ୍ଧାରିତ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଣ୍ଟାରୀ ପରୀକ୍ଷା ନିୟମିତ ଭାବେ ଅନୁଷ୍ଠିତ ହେବ । ଏହି ସମୟରେ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଜରୁରୀ କାମ ଚାଲୁ ରହିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ଗ୍ରୀଷ୍ମ ଦାଉକୁ ଦୁଇଟି ଦାୟିତ୍ୱ, ଚିନ୍ତାରେ ଶିକ୍ଷକ-ଶିକ୍ଷୟିତ୍ରୀ

ବ୍ରହ୍ମପୁର,୨୦ ।୪(ସମିସ): ନିଦାଘ ଗ୍ରୀଷ୍ମର ପ୍ରକୋପରେ ସମସ୍ତେ ଅସ୍ତବ୍ୟସ୍ତ । ଘରୁ ବାହାରକୁ ବାହାରିବା କଷ୍ଟକର ହେଉଛି । ଏହି ସମୟରେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଦୁଇଟି ଦାୟିତ୍ୱ ତୁଲାଉଛନ୍ତି । ଯାହାକୁ ନେଇ ଅନେକେ ଅସନ୍ତୋଷ ବ୍ୟକ୍ତ ମଧ୍ୟ କରିଛନ୍ତି । ଏନେଇ ପ୍ରାକ୍ତନ ଶିକ୍ଷକ ନେତା ତଥା ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି ଟୁଇଟ୍ ଜରିଆରେ ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ, ଶିକ୍ଷକ ବିଦ୍ୟାଳୟ କାର୍ଯ୍ୟ ତୁଲାଇବେ । ପ୍ରଚଣ୍ଡ ଖରାରେ ବିଦ୍ୟାଳୟରୁ ଘରକୁ ଆସି ପୁଣି ଜନଗଣନା କାର୍ଯ୍ୟକ୍ରମ କ୍ଷେତ୍ରକୁ ଯିବେ । ବିପର୍ଯ୍ୟୟ ପରିଚାଳନା ବିଭାଗ ମନରେଗା ନିର୍ମାଣ ଶ୍ରମିକମାନଙ୍କୁ ମଧ୍ୟ ୩-୪ ଘଣ୍ଟା କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଜାରି କରୁଛନ୍ତି । କିନ୍ତୁ ଜନଗଣନାକାରୀ ଶିକ୍ଷକ ଅଧିକାରୀ ମାନଙ୍କ ପ୍ରତି ସରକାରୀ ବ୍ୟବସ୍ଥା ଏତେ ନିର୍ଦ୍ଦୟ କାହିଁକି । ଏପରି ବାଧ୍ୟ ବାଧକତାରେ ନିୟୋଜନ କରିବା ଅମାନବୀୟ ବୋଲି ଅନୁଭବ ହେଉଛି । ବିଗତକାଲି ବଲାଙ୍ଗିର ଜିଲ୍ଲାରେ ଜନୈକ ଶିକ୍ଷକ ଜନଗଣନା ସମୟରେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଛନ୍ତି । ଏଭଳି ସ୍ଥିତିରେ ଜଣେ ଶିକ୍ଷୟିତ୍ରୀ ସେ ମାଁ/ସ୍ତ୍ରୀ/ଶାଶୁ ଶ୍ୱଶୁରର ଦାୟିତ୍ୱ ମଧ୍ୟ ନିର୍ବାହ କରିବ । ଏଣୁ ବିଦ୍ୟାଳୟରୁ ଅବ୍ୟାହତ ଦିଆଯାଇ ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯିବାକୁ ଶ୍ରୀ ମହାନ୍ତି ସରକାରଙ୍କଠାରେ ଅନୁରୋଧ ରଖିଛନ୍ତି ।

### ● କୋର୍ଟ ପରିସରରେ ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

## ଖଣ୍ଡା ଧରି ଖେଳାଇଲେ ଆତଙ୍କରାଜ

ବ୍ରହ୍ମପୁର,୨୦ ।୪(ସମିସ): ବ୍ରହ୍ମପୁରସ୍ଥିତ ଗଞ୍ଜାମ ଜିଲ୍ଲା କୋର୍ଟ ପରିସରରେ ଜଣେ ବ୍ୟକ୍ତି ହାତରେ ଖଣ୍ଡା ଧରି ଆତଙ୍କ ଖେଳାଇଛନ୍ତି । ଆଜି ଅପରାହ୍ଣରେ ଏହି ଯୁବକ ଜଣଙ୍କ ହାତରେ ଏକ ବଡ ଖଣ୍ଡା ଧରି ଗାଳିଗୁଲଜ କରିବା ସହ ଉତ୍ପାତ କରିଥିଲେ । ଏହା ଦେଖି ଆଇନଜୀବୀମାନେ ଭୟଭୀତ ହୋଇ ଯାଇଥିଲେ । ସେଠାରେ ଉପସ୍ଥିତ ଆଇନଜୀବୀ ଓ ପୁଲିସ ସଂପୃକ୍ତ ଯୁବକଙ୍କୁ କାବୁ କରିଥିଲେ । ପରେ ସଂପୃକ୍ତ ବ୍ୟକ୍ତିଙ୍କୁ ବୈଦ୍ୟନାଥପୁର ଥାନାକୁ ନିଆଯାଇଥିଲା । ତେବେ ଏହି ବ୍ୟକ୍ତିଙ୍କ ପତ୍ନୀ କୋର୍ଟ ବାହାରେ ଚାହା ଦୋକାନ କରିଥିବା କୁହାଯାଉଛି । ପାରିବାରିକ



କଳହ ଯୋଗୁ ବ୍ୟକ୍ତି ଜଣଙ୍କ ଖଣ୍ଡା ଧରି ସେହି ଦୋକାନ ନିକଟକୁ ଯାଇଥିଲେ । ପରେ କୋର୍ଟ ପରିସରରେ ପଶି ହାତରେ ଧରିଥିବା ଖଣ୍ଡାକୁ ବୁଲାଇଥିଲେ । ମାରଣାସ୍ତ୍ର ଧରି ସର୍ବସାଧାରଣରେ ଆତଙ୍କ ଖେଳାଇବା ଅଭିଯୋଗରେ ପୁଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ଖଣ୍ଡାକୁ ଜବତ କରାଯାଇଛି । ଅପରପକ୍ଷେ କୋର୍ଟ ପରିସରରେ ଏଭଳି ଘଟଣାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ଅପରାଧୀ ହୁଅନ୍ତୁ ଅଥବା ନିଶାଶକ୍ତ ବ୍ୟକ୍ତି ନ୍ୟାୟାଳୟ ସମ୍ମୁଖରେ ମଧ୍ୟ ଏଭଳି କାଣ୍ଡ ଭିଆଇବାକୁ ପଛଗୁଞ୍ଚା ଦେଉନାହାନ୍ତି । ଏଭଳି ସ୍ଥଳେ ଆଇନଜୀବୀମାନେ ମଧ୍ୟ ନିଜକୁ ସୁରକ୍ଷିତ ମଣୁନାହାନ୍ତି ।

## ବଂଶୀବାଦକ ବାଉରୀବନ୍ଧୁଙ୍କ ବିୟୋଗରେ ଶୋକସଭା

ବ୍ରହ୍ମପୁର,୨୦ ।୪(ସମିସ): ବଂଶୀବାଦକ ବାଉରୀବନ୍ଧୁ ବେହେରାଙ୍କ ସୁରଳ ସ୍ଥିତ ତାଙ୍କ ବାସ ଭବନରେ ବିୟୋଗ ଘଟିଥିଲା । ସୁରଳ, ଉଚ୍ଚ ବିଦ୍ୟାଳୟର ସେ ଜଣେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଥିଲେ । ଜଣେ ପ୍ରଜ୍ଞାଦୀପ୍ତ ଶିକ୍ଷାବିତ୍, ବଂଶୀବାଦକ ଥିଲେ । ଏନେଇ "ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ତରଫରୁ ଏକ ଶୋକସଭା ଆୟୋଜିତ ହୋଇଥିଲା । ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ, ଯୁଧିଷ୍ଠିର ଭଞ୍ଜ ସାମନ୍ତ, ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଶୋକବ୍ୟକ୍ତ କରିଥିଲେ ।

# ବ୍ଲକ୍ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧିଙ୍କ ଗଣଧାରଣା

ବ୍ରହ୍ମପୁର,୨୦ ।୪(ସମିସ)

ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ସମ୍ମୁଖରେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିମାନେ ଧାରଣ ଦେଇଛନ୍ତି । ବ୍ଲକ ପ୍ରଶାସନ ପକ୍ଷରୁ ଜନ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଏକ ସ୍ମାରକପତ୍ର ଜିଲ୍ଲାପାଳ ସମେତ ବିଭିନ୍ନ ପଦାଧିକାରୀଙ୍କୁ ଜଣାଇ ଦେଇଛନ୍ତି ।

ସ୍ମାରକପତ୍ରରେ ବିଧାୟକଙ୍କ ହାତ ବାରିସୀ ସାଜି ଚିକିଟି ବିଡ଼ିଓ ଉନ୍ନୟନ କାର୍ଯ୍ୟ ଗୁଡିକ ହେରଫେର କରିବା, ଅନ୍ତୋଦୟ ଗୃହ ଯୋଜନା, ଭତ୍ତା ଆଦି ବିଭିନ୍ନ ଯୋଜନାକୁ ହିତାଧିକାରୀଙ୍କୁ ଗ୍ରାମସଭା ଜରିଆରେ ଚୟନ କରାଯାଉଥିବା ଆଦି ଅଭିଯୋଗ କରିଛନ୍ତି । ଗଣଧାରଣାରେ ଚିକିଟି ପଞ୍ଚାୟତ ସମିତି ଅଧକ୍ଷ ଆପନା ସେଠି, ପିତାତାଳି ସରପଞ୍ଚ ଏ. ରାଙ୍ଗା ରାଓ, ଗୋବିନ୍ଦ ନଗର ପଂଚାୟତ ସରପଞ୍ଚ, ଜୀବକ୍ଷନନ୍ଦ ରେଡି, ନୂଆପଡା ପଂଚାୟତ ସରପଞ୍ଚ ସାନମୁଖ




ରାଓ ପ୍ରମୁଖ ବିଭିନ୍ନ ପଂଚାୟତ ସରପଞ୍ଚ ଏବଂ ସମିତି ସଭ୍ୟ ଗଣଧାରଣାରେ ସାମିଲ ଥିଲେ । ଏନେଇ ଚିକିଟି ବିଡ଼ିଓ ବିବେକାନନ୍ଦ ମିଶ୍ରଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ, ନିୟମ ଅନୁଯାୟୀ ସବୁ କାର୍ଯ୍ୟ କରାଯାଉଛି । ପ୍ରଶାସନ ମଧ୍ୟ ଜନ ପ୍ରତିନିଧିଙ୍କୁ ଗୁରୁତ୍ୱ ଦେଇଆସୁଛି । ସବୁ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ଚୟନ ସହ ନିୟମ ଅନୁସାରେ ପ୍ରଦାନ କରାଯାଉଛି । ଜନ ପ୍ରତିନିଧିମାନେ ଆସନ୍ତୁ ଆଲୋଚନା କରନ୍ତୁ, ସମସ୍ୟାର ସମାଧାନ ଦିଗରେ ପ୍ରଶାସନକୁ ପରାମର୍ଶ ଦିଅନ୍ତୁ ବୋଲି ବିଡ଼ିଓ କହିଛନ୍ତି ।

# କବିସୂର୍ଯ୍ୟଙ୍କ ରଚନାବଳୀ ମର୍ମସ୍ପର୍ଶୀ ଓ କାଳଜୟୀ

ଦିଗପହଣ୍ଡି,୨୦ ।୪(ସମିସ)




କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମମାଟି ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ବିଜୟନଗରଗଡ଼ ଗ୍ରାମରେ ବୈଶାଖ ଶୁକ୍ଳ ତୃତୀୟା ତିଥି ସୋମବାର ମଧ୍ୟାହ୍ନରେ ତାଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ବଡ଼ 'ଖେମୁଣ୍ଡିର କବିସୂର୍ଯ୍ୟ' ଶୀର୍ଷକ ଆଲୋଚନା ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଦିଗପହଣ୍ଡି ସ୍ଥିତ କବିସୂର୍ଯ୍ୟ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ପରିଷଦର ସଭାପତି ତଥା ଆଇନଜୀବୀ ଅଶେଷ ନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ । ପରିଷଦର ସମ୍ପାଦକ ତଥା ଆଇନଜୀବୀ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାହିତ୍ୟିକ ଡ.ଲମ୍ବୋଦର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏକାଧାରରେ ଜଣେ ସଙ୍ଗୀତଜ୍ଞ, ଦକ୍ଷ ପ୍ରଶାସକ, ବହୁ ଭାଷାବିଜ୍ଞ ଏବଂ କାବ୍ୟ କବିତା ରଚୟିତା ଭାବେ ଖ୍ୟାତି ଅର୍ଜନ କରିଥିବା ବଳଦେବ ରଥଙ୍କୁ ଜନ୍ମ ଦେଇ ଏହି ବଡଖେମୁଣ୍ଡି ମାଟି ଆଜି ମହାନ୍ ହୋଇପାରିଛି ବୋଲି ତାଙ୍କ ଓଜସ୍ୱିନି ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ତଥା ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା ତାଙ୍କ ଉଦବୋଧନରେ କହିଥିଲେ । ଅନ୍ୟତମ ଅତିଥିଭାବେ ବଡ଼ଖେମୁଣ୍ଡି ରାଜପୁତ୍ର ସିଦ୍ଧାନ୍ତ ଗଙ୍ଗଦେବ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ସୁରେନ୍ଦ୍ରନାଥ ପାଣିଗ୍ରାହୀ, ଇତିହାସ ସଂସ୍କୃତି ଗବେଷକ ଡ଼. ଅନନ୍ତରାମ କର କୌଣ୍ଡିନ୍ୟ, କବି ବୃନ୍ଦାବନ ପଣ୍ଡା, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ଼, ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ବିଜୟନଗରଗଡ ଗ୍ରାମ୍ୟ କମିଟି ସଭାପତି ରବି ସେଠୀ ପ୍ରମୁଖ ମଞ୍ଚାସିନ ଥିଲେ । ଦ୍ୱିତୀୟ ଅଧିବେଶନରେ କବି ପୀତବାସ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଶିକ୍ଷୟିତ୍ରୀ ସୁଜାତା ରାଣୀ ଶତପଥି, ଯାଜ୍ଞସେନୀ ରଥ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମଚରଣ ମେକାପ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦର ସମ୍ପାଦକ ଆଲୋକ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଥି ପୂର୍ବରୁ ସାନଖେମୁଣ୍ଡି ବ୍ଲକ ପଳାସପୁର - ଜଳମରା ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀର ଉତ୍ତରବାହୀ ଘାଟରେ ସ୍ମୃତି ପରିଷଦ ର କାର୍ଯ୍ୟକର୍ତ୍ତା ବିନାୟକ ଦାସ, ପ୍ରାଧ୍ୟାପକ ପ୍ରଣବାନନ୍ଦ ପାଟ୍ଟଯୋଶୀ, ନୃତ୍ୟଗୁରୁ ସନ୍ତୋଷ କୁମାର ପାଢ଼ୀ ପ୍ରମୁଖ କବିସୂର୍ଯ୍ୟ ଙ୍କ ଉଦ୍ଦେଶ୍ୟରେ ତିଳ ତର୍ପଣ କରିଥିଲେ । ଏହି ଆଲୋଚନା ସଭାରେ ସ୍ମୃତି ପରିଷଦ କାର୍ଯ୍ୟକର୍ତ୍ତା ଶୁଭେନ୍ଦୁ ପାଢ଼ୀ, ଉଜ୍ଜଳ ମହାନ୍ତି, ପ୍ରକାଶ ପାତ୍ର, ସୀମାଞ୍ଚଳ କର, ଶିକ୍ଷକ ସନ୍ତୋଷ ସେଠୀ, କାଳୁଚରଣ ପାଣିଗ୍ରାହୀ, ନରସିଂହ ପଣ୍ଡା, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ପାଠୀ, ସନ୍ତୋଷ ପାତ୍ର, ସାମାଜିକ କର୍ମୀ ରଞ୍ଜନ ପାଣିଗ୍ରାହୀ, ସନ୍ତୋଷ ସାହୁ, ସଞ୍ଜୟ ପାଣିଗ୍ରାହୀ ଓ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ । ବିଜୟନଗରଗଡ ଗ୍ରାମବାସୀ ସମସ୍ତ ସହଯୋଗ କରିଥିଲେ ।

# କବିସୂର୍ଯ୍ୟଙ୍କ ଜନ୍ମସ୍ଥଳକୁ ଐତିହାସିକ ପୀଠ ଘୋଷଣା କରାଯିବ

କବିସୂର୍ଯ୍ୟନଗର,୨୦ ।୪(ସମିସ): ଓଡିଶା ସାହିତ୍ୟ ଏକାଡେମୀ ଓ କବିସୂର୍ଯ୍ୟ ସାହିତ୍ୟ ସଂସଦ ଆଠଗଡର ମିଳିତ ଆନୁକୂଲ୍ୟରେ ଆଠଗଡ଼ପାଟଣା ପଞ୍ଚାୟତ କାର୍ଯ୍ୟାଳୟ ଠାରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଛି । କବିସୂର୍ଯ୍ୟ ସାହିତ୍ୟ ସଂସଦ ସଭାପତି ଜଗବନ୍ଧୁ ଭୋଳଙ୍କ ସଭାପତିତ୍ୱରେ ଓ ଶିକ୍ଷୟିତ୍ରୀ, ଲେଖକ ଦିବ୍ୟାନି ମାର୍ଥାଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା । ଆୟୋଜନ କରିଥିଲେ ପ୍ରଧାନ ଶିକ୍ଷକ ତଥା ସଂସ୍କୃତି ଗବେଷକ ଡ଼. ସୁରେନ୍ଦ୍ର ନାଥ ସାହୁ । ମୁଖ୍ୟ ଅତିଥି ତଥା ଉଦଘାଟକ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇ ସଭାର ଉଦଘାଟନ କରିଥିଲେ । କବିସୂର୍ଯ୍ୟନଗର ଠାରେ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସହ ଜନ୍ମସ୍ଥଳକୁ ଏକ ଐତିହାସିକ ପୀଠ ଘୋଷଣା କରାଯିବା ସହ ଖୁବ ଶୀଘ୍ର ଏହାର ବିକାଶକୁ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ଡ. ବାୟାମନୁ ଚର୍ଚ୍ଚି, ସ୍ୱତନ୍ତ୍ର ବକ୍ତା ଅବସରପ୍ରାପ୍ତ ପ୍ରଫେସର କୈଳାସ ନାଥ ସ୍ୱାଇଁ, ସମ୍ମାନିତ ଅତିଥି ବିଶିଷ୍ଟ ଲେଖକ ଦଣ୍ଡପାଣି ମହାପାତ୍ର, ବିଶିଷ୍ଟ ସମାଜସେବୀ ମାହେଶ୍ୱରୀ ଦୋରା, ସରଣଶ୍ରୀକ୍ଷେତ୍ର ସୁଧର୍ମା ସେବାସଂଘ ଅଧ୍ୟକ୍ଷା ନମିତା ପାତ୍ର, ଆଠଗଡ଼ ପାଟଣା ସରପଞ୍ଚ ଛବିରାଣୀ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ଶତପଥୀ, ଶିକ୍ଷାବିତ ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ ।



## କାର୍ ଧକ୍କାରେ ମହିଳା ମୃତ

ବେଲଗୁଣ୍ଠା,୨୦ ।୪(ସମିସ): ବେଲଗୁଣ୍ଠା ବ୍ଲକ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଦନପୁର ଗ୍ରାମରେ କାର୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଭଞ୍ଜନଗର ପୋଷ୍ଟ ଅଫିସରେ କାର୍ଯ୍ୟରତ ଜନୈକ କର୍ମଚାରୀ ନିଜ କାର ଯୋଗେ ଆସିକାରୁ ଭଞ୍ଜନଗର ଅଭିମୁଖେ ଯାଉଥିଲେ । ଏତିକିବେଳେ ଇନ୍ଦନପୁର ଛକ ନିକଟରେ ସେହି ଗ୍ରାମର ଇଲ୍ଲାସ ସ୍ୱାଇଁ(୬୦) ରାସ୍ତା ପାର ହେଉଥିଲେ । ତେବେ ମହିଳା ଜଣକ ହଠାତ୍ କାର୍ ସମ୍ମୁଖକୁ ଚାଲି ଆସିଥିଲେ । ଫଳରେ ମହିଳା ଜଣଙ୍କ ଗୁରୁତର ହୋଇଥିଲେ । କାର ଚାଳକ ଜଣଙ୍କ ସ୍ଥାନୀୟ ଲୋକଙ୍କ ସହାୟତାରେ ମହିଳାଙ୍କୁ ଉଦ୍ଧାର କରି ପ୍ରଥମେ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଞ୍ଜନଗର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ରଥ କାଠ ଅନୁକୂଳ କାର୍ଯ୍ୟକ୍ରମ



ରମ୍ଭା/ହୁମ୍ମା,୨୦ ।୪(ସମିସ): ଗଞ୍ଜାମ ଜିଲ୍ଲା ହୁମ୍ମା ରାଜବାଟି ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ଲାଗି କାଠ ଅନୁକୂଳ ହୋଇଛି । ପରମ୍ପରା ଅନୁଯାୟୀ ହୁମ୍ମା ଗ୍ରାମର ରାଜା ସାହେବ ରାଘବେନ୍ଦ୍ର ନାରାୟଣ ଦେଓଙ୍କ ଅଧ୍ୟକ୍ଷତାରେ ପୁରୋହିତ ସୂର୍ଯ୍ୟନାରାୟଣ ପଣ୍ଡା ପ୍ରଥମେ ଜଗନ୍ନାଥ ମନ୍ଦିରର ରଥ କାଠ ନିର୍ମାଣ ପୂଜାର୍ଚ୍ଚନା କରିଥିଲେ । ପରେ ଶୁଭ ମୁହୂର୍ତ୍ତରେ କାରିଗରମାନେ ରଥ ତିଆରି ଆରମ୍ଭ କରିଥିଲେ । ଶରତ ଚନ୍ଦ୍ର ପଟ୍ଟନାୟକ, ଦଇତାରୀ ରେଡି, ବଳରାମ ରେଡି, ଯୋଗେନ୍ଦ୍ର ରେଡି, ବାବୁଲା ସାମନ୍ତ, ବିଜୟ ଚନ୍ଦ୍ର ମହାରଣା, ବିଜୟ ମହାରଣା ଏହି କାମରେ ମୁଖ୍ୟ ଭୂମିକା ନିଭାଉଛନ୍ତି । ସମସ୍ତଙ୍କ ସମନ୍ୱୟ ଓ ପାରମ୍ପରିକ କୌଶଳରେ ରଥ ନିର୍ମାଣ କାମ ସୁଚାରୁ ଭାବେ ଆଗେଇ ଯାଉଛି । ଉଲ୍ଲେଖନୀୟ, ହୁମ୍ମା ରାଜବାଟିରେ ଦୀର୍ଘ ବର୍ଷର ଭଗ୍ନ ରଥ ପୁନଃ ନିର୍ମାଣ ହେଉଥିବାରୁ ଏହାକୁ ଦେଖିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଆଗ୍ରହ ଦେଖାଯାଉଛି ।

## ବିଜେପିର ପ୍ରଶିକ୍ଷଣ ଶିବିର




ଧରାକୋଟ,୨୦ ।୪(ସମିସ): ଧରାକୋଟ କଳା ବିକାଶ କେନ୍ଦ୍ର ପରିସରରେ ଚାଲିଥିବା ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସିକା ବିଜେପି ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବେଳେ ସୋମବାର ସନ୍ଧ୍ୟାରେ ଏହା ଉଦଯାପିତ ହୋଇଯାଇଛି । ପୂର୍ବତନ ମଣ୍ଡଳ ସଭାପତି ୟୁ ପାପା ରାଓଙ୍କ ଦ୍ୱାରା ପରିଚାଳିତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ବର୍ଗ ବକ୍ତା ଭାବରେ ସାଂସଦ ପ୍ରତିନିଧି ଯଜ୍ଞ ନାରାୟଣ ଦାସ, ବ୍ଲକ ସାଂସଦ ପ୍ରତିନିଧି ମୁନା ପ୍ରଧାନ, ଧରାକୋଟ ମଣ୍ଡଳ ସଭାପତି ପ୍ରଭାକର ପ୍ରଧାନ, ଜାହାଡା ମଣ୍ଡଳ ସଭାପତି ଜୀତେନ୍ଦ୍ର ବିଷୋୟୀ, ଘୁମୁସର ଜିଲ୍ଲା ଅନୁସୂଚିତ ଜାତି ସଭାପତି ମାନସ ନାୟକ, ଯୁବ ମୋର୍ଚ୍ଚା ସଭାପତି ମିଥୁନ ପ୍ରଧାନ, ଶ୍ରୀକାନ୍ତ ମହାପାତ୍ର, ହୃଷୀକେଶ ସାହୁ, ଗୋପାଳ କୃଷ୍ଣ ମଲିକ, ଜୟସେନ ପ୍ରଧାନ, ସପନା କୁମାରୀ ପ୍ରଧାନ, ମଣ୍ଡଳ କାର୍ଯ୍ୟକର୍ତ୍ତା ଗଗନ ବିହାରୀ ସ୍ୱାଇଁ, ଅଶୋକ ବରାଡ, ଲକ୍ଷ୍ମଣ ପାଣିଗ୍ରାହୀ, ଚୀନା ରେ‡ୀ, ଶରତ ରାଜ, ହିନେନ୍ଦ୍ର ନାୟକ, ୟୁ ଶିଳ୍ପା ରାଓ, ଗୀତାଞ୍ଜଳୀ ପ୍ରଧାନ, ଦେବାଶିଷ ମିଶ୍ର, ଲକ୍ଷ୍ମଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା



ଭଞ୍ଜନଗର,୨୦ ।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର, ବେଣାକୁଦା ଠାରେ ଅନୁଷ୍ଠିତ ହୋଇଯାଇଛି । ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାଟି ମା'ଙ୍କୁ ପୂଜାର୍ଚ୍ଚନା ସହ ହଳକରି 'ଅଖିମୁଠି ଅନୁକୂଳ' ଶୁଭାରମ୍ଭ କରିଥିଲେ । ଏହି ଅବସରରେ 'ସିଏମ୍ କିଷାନ ସହାୟତା' ଯୋଜନା ଅନ୍ତର୍ଗତ ଖରିଫ-୨୦୨୬ ନିମନ୍ତେ ସହାୟତା ରାଶି ଡିବିଟି ମଧ୍ୟମରେ ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲାର ୨୪୧୫୩୧ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୪୮ କୋଟି ୩୦ଲକ୍ଷ ୬୨ ହଜାର ଟଙ୍କା ହସ୍ତାନ୍ତର କରାଯାଇଛି । ଜିଲ୍ଲାର ୨୨ ଟି ବ୍ଲକ୍ର କୃଷକମାନେ ଏଥିରେ ସାମିଲ ଅଛନ୍ତି । ଏଥିମଧ୍ୟରୁ ୨୩୫୯୩୨ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୫୫୯୯ ଜଣ ଭୂମିହୀନ କୃଷି ପରିବାର ପ୍ରତ୍ୟେକଙ୍କୁ ୨୦୦୦ ଟଙ୍କା ଲେଖାଏଁ ଡି.ବି.ଟି ମାଧ୍ୟମରେ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ବିଧାୟକ ନୀଳମଣି ବିଷୋୟୀ, ଜିଲ୍ଲାପାଳ କୀର୍ତ୍ତି ଭାସନ ଭି, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ନିଳମାଧବ ପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର କର, ସ୍ଥାନୀୟ ବିଡ଼ିଓ, ତହସିଲଦାରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଅତିଥିମାନେ କୃଷକମାନଙ୍କୁ ପ୍ରଶଂସା ସହ କୃଷି କ୍ଷେତ୍ରରେ ନୂତନ ପ୍ରଯୁକ୍ତି ବିନିଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ । ମନ୍ତ୍ରୀ ଶ୍ରୀ ଜେନା କହିଥିଲେ, 'ଓଡ଼ିଶାର କୃଷକମାନେ ରାଜ୍ୟର ଅର୍ଥନୀତିର ମୁଖ୍ୟ ସ୍ତମ୍ଭ, ସରକାର ସମସ୍ତ ସହଯୋଗ ପ୍ରଦାନ କରିବେ ।' ଏହି ଅନୁଷ୍ଠାନ କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ସହିତ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ବଢ଼ାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ. ଅଜୟ କୁମାର କର ଓ ସହାୟକ କୃଷି ଅଧିକାରୀ ଦିବ୍ୟା ହେନ୍ତା ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲା କୃଷି ଅଧିକାରୀ ବ୍ୟମୋକେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଭଞ୍ଜନଗର ବ୍ଲକ କୃଷି ଅଧିକାରୀ ସଂଗ୍ରାମ କୁମାର ସେନାପତି ଏବଂ କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ଘରକୁ ଘର ବୁଲି ଚାଲିଛି ଜନଗଣନା
## ୧୧ ଲକ୍ଷ ୮୬ ହଜାର ୮୮୨ଟି ଗୃହ ଚିହ୍ନଟ



ଛତ୍ରପୁର,୨୦ ।୪(ସମିସ): ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱ-ଜନଗଣନା ପରେ ୧୬ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଜନଗଣନାକାରୀମାନେ ଘରକୁ ଘର ବୁଲି ନମ୍ବରିଂ କରିଥିଲେ । ସରକାରଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା ଏହି ଘର ଗଣନା ପ୍ରକ୍ରିୟା ସଫଳତାର ସହ ଗଞ୍ଜାମ ଜିଲ୍ଲାରେ ସରିଛି । ପ୍ରଶାସନ ପକ୍ଷରୁ ନିୟୋଜିତ ହୋଇଥିବା ଗଣନାକାରୀମାନେ ଘରକୁ ଘର ବୁଲି ନମ୍ବରିଂ କାର୍ଯ୍ୟ କରିଛନ୍ତି । ଗଞ୍ଜାମ ଜିଲ୍ଲାରେ ୬୪୧୭ ଜଣ ଗଣନାକାରୀ ଓ ୧୧୦୨ ସୁପରଭାଇଜର ନିୟୋଜିତ ହୋଇଥିବା ବେଳେ ୧୦ ଲକ୍ଷ ୬୧ ହଜାର ୭୬୦କୋଠାଘର ବା ବିଲିଡିଂ ସଂଖ୍ୟା ରହିଥିବା ବେଳେ ୧୧ ଲକ୍ଷ ୮୬ ହଜାର ୮୮୨ଟି ଗୃହ ଚିହ୍ନଟ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଗଣନାକାରୀ ପ୍ରତି ଘର ଚିହ୍ନଟ କରି ନମ୍ବରିଂ କରିଛନ୍ତି । ଏବେ ମେ ୧୫ ତାରିଖ ଯାଏଁ ଗଣନାକାରୀ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି । ଜନଗଣନାକାରୀ ମାନେ ନିଜ ନିଜ ମୋବାଇଲରେ ଏଚଏଲଭି ଆପ୍ ଡାଉନଲୋଡ କରିଛନ୍ତି । ଏହି ଆପ୍ ଜରିଆରେ ସମସ୍ତ ତଥ୍ୟ ଅପଲୋଡ୍ କରିବେ । ସମସ୍ତ ତଥ୍ୟ ଅନଲାଇନ ପୋର୍ଟାଲରେ ଅପଲୋଡ କରାଯାଉଛି, ଏହା ସ୍ୱଚ୍ଛତା ବଜାୟ ରହିବ । ଜନଗଣନାକାରୀ ଘରକୁ ଘର ବୁଲିବା ସମୟରେ ନିଜର ସାଥିରେ ପରିଚୟ ପତ୍ର ଏବଂ ନିଯୁକ୍ତି ପତ୍ର ନେବେ । ପ୍ରତି ନାଗରିକ ୩୩ଟି ପ୍ରଶ୍ନର ଉତର ଦେବେ । ଏହି ଜନଗଣନାରେ ଜିଲାର ସମସ୍ତ ନାଗରିକମାନେ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ । ଆମ ଜନଗଣନା ଆମ ବିକାଶ, ବିକଶିତ ଦେଶ ଗଠନ ପାଇଁ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଜନଗଣନା କରୁଥିବା ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଠିକ ଓ ନିର୍ଭୁଲ ତଥ୍ୟ ଦେବାକୁ ଜିଲାପାଳ ଗଞ୍ଜାମବାସୀଙ୍କୁ ଅନୁରୋଧ କରିଛନ୍ତି । ୨୦୧୧ ପରେ ପୁଣି ଦିର୍ଘ ବର୍ଷ ବ୍ୟବଧାନ ପରେ ଏହି ଜଣଗଣନା କରାଯାଉଛି । ପ୍ରଥମ ଥର ପାଇଁ ଡିଜିଟାଲ ପଦ୍ଧତିରେ ଏହା କରାଯାଉଛି । ୨୦୧୧ରେ ଗଞ୍ଜାମ ଜିଲ୍ଲାରେ ୩୫ ଲକ୍ଷ ୨୯ ହଜାର ୩୧ ଜଣ ଜନସଂଖ୍ୟା ରହିଥିଲା ।

## ରଥକାଠ ଅନୁକୂଳ



ପାତ୍ରପୁର,୨୦ ।୪(ସମିସ): ପାତ୍ରପୁର ବ୍ଲକ ତଥା ଗଞ୍ଜାମ ଜିଲ୍ଲା ପ୍ରସିଦ୍ଧ ଜରଡ଼ା ସାରଥି ଧାମରେ ପ୍ରଥମ ଥର ପାଇଁ ଅକ୍ଷୟ ତୃତୀୟା ଅବସରରେ ରଥ କାଠ ଅନୁକୂଳ କରାଯାଇଛି । ଆଷାଢ଼ ମାସରେ ହେବାକୁ ଯାଉଥିବା ପ୍ରସିଦ୍ଧ ରଥଯାତ୍ରା ପାଇଁ ଚଳିତ ବର୍ଷ ନୂଆ ରୂପ ରେଖରେ ରଥ ନିର୍ମାଣ ହେବାକୁ ଯାଉଛି । ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓଙ୍କ ସମେତ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗରେ ନୂଆ କାଠ ଆସିଥିବା ବେଳେ ନୂଆ ରଥ ନିର୍ମାଣ ପାଇଁ ଅଧିକ ସମୟର ଆବଶ୍ୟକତା ରହିଛି । ପୂର୍ବରୁ ରଥଯାତ୍ରା ପାଖାପାଖି ସମୟରେ ରଥ ନିର୍ମାଣ ହେଉଥିବା ବେଳେ ପ୍ରଥମ ଥର ପାଇଁ ଅକ୍ଷୟ ତୃତୀୟା ଅବସରରେ ରଥ କାଠ ଅନୁକୂଳ କରାଯାଇଛି । ପ୍ରାତଃ ସମୟରେ ପୂଜକ ଦେବୀ ପ୍ରସାଦ ପଣ୍ଡା ପୂଜା କର୍ମ କରିଥିବା ବେଳେ କୈଳାଶ ମହାରଣା ରଥ କାଠ ଅନୁକୂଳ କରିଥିଲେ । ସୋମବାର ଏହି ରଥ କାଠ ଅନୁକୂଳ କାର୍ଯ୍ୟକ୍ରମରେ ପରିଚାଳନା କମିଟି, ସ୍ୱେଚ୍ଛାସେବୀ ଓ ଭକ୍ତମାନେ ଉପସ୍ଥିତ ଥିଲେ ।

## ଅକ୍ଷିମୁଠି ଅନୁକୂଳ କଲେ କୃଷକ ସଂଘ

ପୁରୁଷୋତ୍ତମପୁର,୨୦ ।୪(ସମିସ): ପୁରୁଷୋତ୍ତମପୁର ସ୍ୱପ୍ନେଶ୍ୱର କୃଷକ ସଂଘ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟାରେ ଅଖିମୁଠି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୃଷକ ମାନେ ଏହି ପବିତ୍ର ଦିନରେ ଭଲ ଫସଲ ଅମଳ ଲକ୍ଷ୍ୟରେ ଅକ୍ଷିମୁଠି ଅନୁକୂଳ କରିଥାନ୍ତି । ବୈଶାଖ ମାସ ତୃତୀୟା ଅବସରରେ ଚାଷୀ ପରିବାର ଲୋକେ ସକାଳୁ ଘରକୁ ଚିତା ଓ ଝୋଟି ପକାଇ ସଜାଇ ଦିଅନ୍ତି । ଚାଷୀ ପୁଅ ଗାଧୋଇ ନୂଆ ଲୁଗା ପିନ୍ଧି ପୂଜାର୍ଚ୍ଚନା କରେ । ପରେ ଏକ ବେତରେ ତିଆରି ଟୋକେଇରେ ବିହନକୁ ପୂଜା କରି ଲଙ୍ଗଳ ନେଇ ବିଲକୁ ଯାଆନ୍ତି । ସେଠାରେ ମାଟି ମା'ଙ୍କୁ ଆରାଧନା କରି ହଳ କରିବା ପରେ ବିହନ ବୁଣି ଚାଷ ପାଇଁ ଅନୁକୂଳ କରିଥାନ୍ତି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେପିର ଆସିକା ସାଂଗଠନିକ ସଭାପତି ବିଜୟ କୁମାର ସ୍ୱାଇଁ, ଅରୁଣ ପଣ୍ଡା, ଅନିଲ କୁମାର ପଣ୍ଡା, ଯଜ୍ଞନାରାୟଣ ଦାଶ, ସୀତାରାମ ପାଣିଗ୍ରାହୀ, ରୟତ ମହାସଂଘ ସମ୍ପାଦକ ସୀମାଞ୍ଚଳ ନାୟକ ଯୋଗଦେଇ ପାରମ୍ପରିକ ପ୍ରକାରେ ଜମିର ଐଶାନ୍ୟ କୋଣରେ ଲକ୍ଷ୍ମୀଙ୍କ ନାମରେ ପୂଜାର୍ଚ୍ଚନା କରି ଅକ୍ଷିମୁଠି ବୁଣିଥିଲେ । ଏହି ସମୟରେ ଚଷା ପୁଅର ହଳିଆ ଗୀତର ତାଳେ ତାଳେ ଚଷା ବୋହୂର ହୁଳହୁଳି ଶବ୍ଦରେ କ୍ଷେତକୁ ପ୍ରକମ୍ପିତ କରି ଚାଷ କାର୍ଯ୍ୟକୁ ଉତ୍ସବ ମୁଖର କରିଦେଇଥିଲା । କାର୍ଯ୍ୟକ୍ରମରେ ସ୍ୱପ୍ନେଶ୍ୱର କୃଷକ ସଂଘର ସଭାପତି ଆଇ.ମୁକୁନ୍ଦ, ସମ୍ପାଦକ କିଶୋର କୁମାର ସାସମଲ, ରମେଶଚନ୍ଦ୍ର ଗୌଡ଼ ପ୍ରମୁଖଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।



## ଅକ୍ଷିମୁଠି ଅନୁକୂଳ କଲେ ବିଜେପି ବିଧାୟକ ପ୍ରାର୍ଥୀ

ଶେରଗଡ଼,୨୦ ।୪(ସମିସ): ଅକ୍ଷୟ ତୃତୀୟା ଦିବସ ଅବସରରେ ଶେରଗଡ ବ୍ଲକ ଧନନ୍ତର ପଞ୍ଚାୟତରେ ବ୍ଲକସ୍ତରୀୟ କୃଷକ ଦିବସ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ହିଞ୍ଜିଳି ବିଜେପି ବିଧାୟକ ପ୍ରାର୍ଥୀ ଶିଶିର କୁମାର ମିଶ୍ର ଯୋଗଦେଇ ପ୍ରକାଶ କରିଛନ୍ତି ଯେ, କୃଷକ ହେଉଛି ଦେଶର ମେରୁଦଣ୍ଡ, ବିକଶିତ ଭାରତ ଗଠନ କରିବାକୁ ହେଲେ ପ୍ରଥମେ ଚାଷୀ ଭାଇଙ୍କୁ ସୁଦୃଢ କରିବାକୁ ପଡ଼ିବ, ସମସ୍ତ ସରକାରୀ ଯୋଜନା ତୃଣମୂଳସ୍ତରରେ ଚାଷୀ ଭାଇମାନଙ୍କ ପାଖରେ ପହଞ୍ଚିବା ଆବଶ୍ୟକ । ଅନ୍ୟତମ ଅତିଥି ଭାବେ ପୂର୍ବତନ ଆସିକା ସମବାୟ ଚିନି ଶିଳ୍ପର ସଭାପତି ବିପିନ ବିହାରୀ ପାତ୍ର ଯୋଗଦେଇଥିଲେ । ବିଶିଷ୍ଟ ସମାଜସେବୀ ନିରଞ୍ଜନ ଜେନା (କାଳିଆ), ବରମୁଣ୍ଡୁଳି ସରପଞ୍ଚଙ୍କ ପ୍ରତିନିଧି କାଳୁଚରଣ ସାହୁ, ଖିରିଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜିତ କୁମାର ଜେନା, ନରେନ୍ଦ୍ରପୁର ସରପଞ୍ଚ ଗୁରୁନାଥ ପୋଲେଇ, ଧନନ୍ତର ସରପଞ୍ଚ ପ୍ରତିନିଧି ମକରମ ସ୍ୱାଇଁ, ପିତ୍ତଳ ପଞ୍ଚାୟତ ପୂର୍ବତନ ସରପଞ୍ଚ କୃଷ୍ଣ ଚନ୍ଦ୍ର ମଳିକ, ବିଜେପି ନେତା ପ୍ରମୋଦ କୁମାର ପାଣିଗ୍ରାହୀ, ନରେନ୍ଦ୍ରପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିନୋଦ ଚନ୍ଦ୍ର ବେହେରା, ତାକରଡା ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାଙ୍କୁଡ, ବ୍ଲକସ୍ତରୀୟ କର୍ମକର୍ତ୍ତା, ବିଭିନ୍ନ ପଞ୍ଚାୟତରୁ ଆସିଥିବା କୃଷକ ଭାଇ ମାନଙ୍କ ସହିତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।



# ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ସାନଖେମୁଣ୍ଡି,୨୦ ।୪(ସମିସ):



ସାନଖେମୁଣ୍ଡି ବ୍ଲକ ଚୂଡ଼ଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ପଳାସପୁର ଗ୍ରାମରେ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ୨୦୨୬ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । କାର୍ଯ୍ୟକ୍ରମରେ କର୍ତ୍ତା ପ୍ରମୋଦ ପାଣିଗ୍ରାହୀ ଓ ପୁରୋହିତ ସିଦ୍ଧାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ସମସ୍ତ ନିୟମ ନୀତି ଅନୁସାରେ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା । ଏହି ଅବସରରେ ସଭାପତି ଜଗନ୍ନାଥ ପାଣିଗ୍ରାହୀ, ସମ୍ପାଦକ ସଞ୍ଜୟ ରେ‡ୀ, ପଦ୍ମନାଭ ଗୌଡ଼ ଓ କୋଷାଧ୍ୟକ୍ଷ ନୀଳମାଧବ ସାହୁ, ଉପଦେଷ୍ଟା ଶିବ ବେହେରା, ବାଳକୃଷ୍ଣ ଚୌଧୁରୀ, ନୃସିଂହ ମାଦଳା, ମନୋଜ ମାଦଳା, ସୁନୀଲ ସିଂ, ହୀନ ସାହୁ, ନକୁଳ ଦାସ, ବୁଲୁ ଗୌଡ଼, ଅଶୋକ କୁମାର ସାହୁ, ଗୋପୀ ପାତ୍ର, ପିଙ୍କୁ ଗୌଡ଼, ବାବୁ ଗୌଡ଼, ଶିବ ଗୌଡ଼ ଓ ପିଲୁ ତ୍ରିପାଠୀଙ୍କ ସମେତ ସମସ୍ତ ଗ୍ରାମବାସୀ ଯୋଗଦେଇଥିଲେ । ଆସନ୍ତା ୩୦ ଏପ୍ରିଲ ୨୦୨୬ ତାରିଖରେ ଅସ୍ଥାୟୀ ମଣ୍ଡପକୁ ମାଆଙ୍କ ଆଗମନ ହେବାକୁ ଥିବା ବେଳେ, ୦୬ ମେରେ ବିରାଟ ପଟୁଆର ସହିତ ମା'ଙ୍କ ନଗର ପରିକ୍ରମା ଅନୁଷ୍ଠିତ ହେବ । ପରବର୍ତ୍ତୀ ଭାବେ ମେ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପୌରାଣିକ ଓ କାଳ୍ପନିକ ନାଟକ ଆୟୋଜିତ ହେବ । ସେହିଦିନ ହିଁ ମା' ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯିବ । ଏହି ଯାତ୍ରାକୁ ନେଇ ସମଗ୍ର ଅଞ୍ଚଳରେ ଧାର୍ମିକ ଓ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି । ଗ୍ରାମବାସୀମାନେ ଉତ୍ସାହର ସହିତ ଏହି ପର୍ବ ପାଳନ ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି ।

# ୩୫ବର୍ଷ ପରେ ଏକାଠି ହେଲେ ଦୁଇ ଗାଁ ଠାକୁର

ସାନଖେମୁଣ୍ଡି,୨୦ ।୪(ସମିସ): ଆଲୋକ ମାଳାରେ ଝଲସୁଛି ଦୁଇ ଗାଁ । ମନ୍ତ୍ର ତନ୍ତ୍ର ମହାମନ୍ତ୍ର ସହ ହରି କୀର୍ତ୍ତନରେ ପ୍ରକମ୍ପିତ ହୋଇ ଉଠୁଛି ଗାଁ । ଭାଇଚାରା ପାଇଁ ଦୀର୍ଘ ପଞ୍ଚ ତିରିଶି ବର୍ଷ ପରେ ଗାଁରେ ମା'ମାଣିକେଶ୍ୱରୀ ଓ ବୀର ହନୁମାନ ମନ୍ଦିରର ପ୍ରତିଷ୍ଠା ସହ ସମସ୍ତ ଦେବଦେବୀଙ୍କ ମନ୍ଦିରର ସଂସ୍କାର କରୁଛନ୍ତି ସାନଖେମୁଣ୍ଡି ବ୍ଲକ ଆଡ଼ପଡା ଆଡ଼ପଡା ଓ ପେଣ୍ଡୁରାଲୁଣ୍ଡି ଗ୍ରାମବାସୀ ।୧୪ତାରିଖ ଠାରୁ ପଞ୍ଚ ଯଜ୍ଞ ସହ ଜଳ ଯାତ୍ରା କରି ଆରମ୍ଭ ହୋଇଛି ଯାତ୍ରା । ସନ୍ଧ୍ୟା ହେଲେ ଆଖ ପାଖରୁ ଛୁଟୁଛନ୍ତି ହଜାର ହଜାର ଭକ୍ତ । ଗାଁରେ ଏକତା ଭାଇଚାରା ପାଇଁ ଦୀର୍ଘ ୩୫ବର୍ଷ ପରେ ଭବ୍ୟ ପ୍ରତିଷ୍ଠା ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ ହେଉଅଛି । ୧୪ ତାରିଖ ଠାରୁ ୨୨ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ ଯାତ୍ରା ହେଉଥିବା ବେଳେ ଠାକୁରଙ୍କୁ ଦର୍ଶନ ସହ ସାହି ସାହିରେ କଳା କୁଞ୍ଜ ଦେଖି ସନ୍ଧ୍ୟାରେ ପ୍ରସାଦ ସେବନ କରୁଛନ୍ତି ହଜାର ହଜାର ଶ୍ରଦ୍ଧାଳୁ । ସୁରକ୍ଷାକୁ ଦୃଷ୍ଟିରେ ରଖି ସବୁଠି ଲାଗିଛି ସିସି ଟିଭି । ମୀନା ବଜାର ଠୁ ନେଇ ରାମ ଦୋଳି ରାଜ୍ୟ ଓ ରାଜ୍ୟ ବାହାରର ଭଳିକି ଭଳି ଚଟ ପଟି ସୁସ୍ୱାଦ୍ୟା ଖାଦ୍ୟ ମିଳୁଥିବା ବେଳେ ଘରୋଇ କରଣ ସାମଗ୍ରୀ କିଣିବାକୁ ଭିଡ଼ ସହ ସପରିବାର ସାଙ୍ଗରେ ଆସି ବୁଲୁଛନ୍ତି । ସୋମବାର ବିରାଟ ପଟୁଆର ସହ ବିଗ୍ରହଙ୍କୁ ଗ୍ରାମ ପରିକ୍ରମା କରିବା ସହ ୨୧ ତାରିଖରେ ସାମାଜିକ ନାଟକ ସହ ୨୨ତାରିଖରୁ ରାମାୟଣ ନାଟକ କାର୍ଯ୍ୟକ୍ରମ ରହିଛି ।



# ଫ୍ୟାନରେ ଝୁଲିପଡ଼ିଲେ ଯୁକ୍ତଦୁଇ ଛାତ୍ର

## ହତ୍ୟା ଅଭିଯୋଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଫିରିଙ୍ଗିଆ,୨୦।୪(ସମିସ)



ଫୁଲବାଣୀ ବ୍ଲକ୍ ତୁଡ଼ିପାଜୁ ନବୋଦୟ ବିଦ୍ୟାଳୟରେ +୨ରେ ପଢୁଥିବା ଛାତ୍ର ବିଦ୍ୟାଳୟ ହଷ୍ଟେଲର ନିଜ କକ୍ଷରେ ଲାଗିଥିବା ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବାବେଳେ ମୃତ ଛାତ୍ରଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଆଜି ମଧ୍ୟାହ୍ନରେ ଛାତ୍ର ଜଣକ ନିଜ କକ୍ଷରେ ଫ୍ୟାନରେ ଝୁଲୁଥିବା ବିଦ୍ୟାଳୟର ଶିକ୍ଷକ ଦେଖିବାକୁ ପାଇଥିଲେ। ଛାତ୍ରଙ୍କ ପରିବାର ଲୋକଙ୍କୁ ଖବର ଦେବା ପରେ ଝୁଲନ୍ତା ଅବସ୍ଥାରେ ଥିବା ଛାତ୍ରଙ୍କୁ ଫ୍ୟାନରୁ ଓହ୍ଲାଇ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ର ଜଣକ ଗୋଚ୍ଛାପଡ଼ା ଥାନା କୋଏରମାଣ୍ଡୁ ପଞ୍ଚାୟତର ବୋଲି ଜଣାପଡ଼ିଛି। ଖବର ପାଇ ଫୁଲବାଣୀ ସଦର ଥାନା ଏସ୍ଆଇ ସମ୍ବିତ ବେହେରା ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ମୃତ ଛାତ୍ରଙ୍କ ପରିବାର ତରଫରୁ ଶିକ୍ଷକଙ୍କ ବିରୋଧରେ ଗୁରୁତର ଅଭିଯୋଗ କରାଯାଇଛି। ମୃତ ଛାତ୍ର ଜଣକ ଦିନ ୧୨ ବେଳେ ପରିବାର ଲୋକଙ୍କୁ ଫୋନ କରି ଶିକ୍ଷକ ନିର୍ଯାତନା ଦେଉଛନ୍ତି, ତୁରନ୍ତ ବିଦ୍ୟାଳୟରୁ ଘରକୁ ନେଇଯାଅ ବୋଲି କହିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଲିଖିତ ଭାବରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ସେମାନେ ବିଦ୍ୟାଳୟରେ ପହଞ୍ଚିବାବେଳେ ଛାତ୍ରର କକ୍ଷ ବାହାରେ ତାଲା ପଡ଼ିଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ପୁଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ପାଇଁ ଏଭଳି କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିବାବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ସମେତ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରାୟ ୧ ଘଣ୍ଟା ଶବ ରଖି ନ୍ୟାୟ ଦାବି କରିଛନ୍ତି। ଛାତ୍ର ହତ୍ୟା ଅଭିଯୋଗ କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣାସ୍ଥଳରେ ସଦର ଏସ୍ଡିପିଓ ପି ଶୁଭ୍ରଜିତ ବିଶ୍ୱାଳ, ଉପଜିଲ୍ଲାପାଳ ଭିକାରୀ ଚରଣ ସାହୁ, ସଦର ଓଆଇସି ସମ୍ବିତ ବେହେରା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଜିଲ୍ଲାପାଳ ବେଦଭୂଷଣ ପରିବାର ଓ ଜନସାଧାରଣଙ୍କୁ ଯଦି କେହି ଛାତ୍ର ମୃତ୍ୟୁ ପାଇଁ ଦାୟୀ ଥାଆନ୍ତି ତେବେ ଉପଯୁକ୍ତ ତଦନ୍ତ ପରେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି କହିବା ପରେ ଲୋକେ ମୃତଦେହ ଧରି ଗାଁକୁ ଫେରିଥିଲେ। ଅନ୍ୟପଟେ ଏହି ଘଟଣାକୁ ନେଇଁ ସଦର ଥାନାରେ ଏକ ଅପମୃତ୍ୟ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲୁ ରହିଥିବା ସଦର ଓଆଇସି ସମ୍ବିତ ବେହେରା ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ବାଇକ୍‌ଚାଳକ ଗୁରୁତର

ପୋଲସରା,୨୦।୪(ସମିସ): ପୋଲସରା ଥାନା ଅନ୍ତର୍ଗତ ଚିରିକିପଡା ଶାସନ ପଞ୍ଚାୟତ ନରସିଂହପଲ୍ଲୀ ଠାରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ବାଇକ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ବାଇକ ଚାଳକ ନାରାୟଣ ଗୌଡ଼ ଗୁରୁତର ହୋଇଥିବା ବେଳେ ପ୍ରଥମେ ପୋଲସରା ମେଡିକାଲ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

## ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଲେ ଛାତ୍ରଛାତ୍ରୀ

ଛତ୍ରପୁର,୨୦।୪(ସମିସ): ସ୍ୱଚ୍ଛତା ହିଁ ସେବା ତଥା ସମାଜ ପ୍ରତି ସବୁ ନାଗରିକଙ୍କ ରହିଥିବା କର୍ତ୍ତବ୍ୟକୁ ମନେ ପକାଇବାକୁ ଯାଇ ଅକ୍ଷୟ ତୃତୀୟା ପୂର୍ବରୁ କୁନି କୁନି ଛାତ୍ରଛାତ୍ରୀ ଛତ୍ରପୁରର ସାଇ ନଗର ପାର୍କରେ ସ୍ୱଚ୍ଛତା ଅଭିଯାନ କରି ଏକ ନିଆରା ବାର୍ତ୍ତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ତାରାତାରିଣୀ ଯାତ୍ରାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସେବା ପ୍ରତିନିଧି ସଙ୍ଗଠନର ସମାଜସେବୀ ମନୋଜ କୁମାର ମିଶ୍ର ଓ ଆଇଆରଇରେ କାର୍ଯ୍ୟରତ ଟୁଟୁ ନାୟକ ସମାଜକୁ ଏକ ନିଆରା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଅକ୍ଷୟ ତୃତୀୟା ପୂର୍ବରୁ କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ ସକାଳ ୭ଘଟିକାରୁ ୧୦ଘଟିକା ଯାଏଁ ସାଇ ନଗର ପାର୍କରେ ଏକ ସଫେଇ ଅଭିଯାନ କରି ସେହି ପାର୍କରେ ପଡିଥିବା ପ୍ଲାଷ୍ଟିକ ବୋତଲ, ଖାଇବା ପ୍ୟାକେଟ ତଥା ଅନ୍ୟ ଅଳିଆ ଆବର୍ଜନାକୁ ପିଲାଙ୍କ ସହ ମିଶି ସଫା କରିଥିଲେ। କାର୍ଯ୍ୟକ୍ରମରେ ପ୍ରିୟଙ୍କା, ଶୁଭଶ୍ରୀ, ସମୀର, ଶ୍ରାବଣୀ ପ୍ରମୁଖ ସାହାର୍ଯ୍ୟ ସହଯୋଗର ହାତ ବଢାଇଥିଲେ। ଭବିଷ୍ୟତରେ ବିଏ ଭଳି କାର୍ଯ୍ୟକ୍ରମ ସମସ୍ତ ସ୍ଥାନରେ ଜାରି ରହିବା ସହ ସମସ୍ତଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଯିବା ନେଇ ଶ୍ରୀ ମିଶ୍ର ସୂଚନା ଦେବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ହେବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ।



## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ଆସିକା,୨୦।୪(ସମିସ): ଆସିକା ବ୍ଲକର ବରଗାଁ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ତହସିଲଦାର ସଂଗୀତା ସେନ, ଏବିଡ଼ିଓ ସୁଶାନ୍ତ କୁମାର ବେହେରା, ସରପଞ୍ଚ ମମତା ବେହେରା, ନାଏବ ସରପଞ୍ଚ ରବୀନ୍ଦ୍ର କୁମାର ପ୍ରଧାନ, ସିଡିପିଓ ଶାନ୍ତି କର ସୁବ୍ରା ପଟନାୟକ, ଜିପିଡିଓ ରାଜଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅଭିଯୋଗ ଶୁଣାଣି ବେଳେ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ଉଠା ଜଳ ସେଚନ, କୃଷି ବିଭାଗର ସମେତ ଅନେକ ଅଧିକାରୀ ମାନଙ୍କ ଦେଖା ମିଳି ନଥିଲା। ତେବେ ଶୁଣାଣି ସମୟରେ ଅନୁପସ୍ଥିତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଅନ୍ୟ ପଟେ ପ୍ରତି ସୋମବାର ଅନୁଷ୍ଠିତ ହେଉଥିବା ଏହି ଅଭିଯୋଗ ଶୁଣାଣି କେବଳ କାଗଜ କଲମରେ ସୀମିତ ବୋଲି ଲୋକେ ଅଭିଯୋଗ କରୁଛନ୍ତି।

## ‘ଲକ୍ଷ୍ୟ ନିକେତନ’ ଭଞ୍ଜନଗର ଶାଖା ଉଦ୍‌ଘାଟିତ




ଭଞ୍ଜନଗର,୨୦।୪(ସମିସ): ଭଞ୍ଜନଗର ଠାରେ ‘ଲକ୍ଷ୍ୟ ନିକେତନ’ର ଏକ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବାଣିଜ୍ୟ ଓ ପରିବହନ, ଇସ୍ପାତ ଏବଂ ଖଣିଜ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଯାହା ପ୍ରଶାସନ ସେବାରେ ନୂତନ ସୁବିଧା ଓ ସୁଯୋଗ ପ୍ରଦାନ କରିବ। ଏହି ନୂତନ କେନ୍ଦ୍ର ଶିକ୍ଷା, କୌଶଳ ବିକାଶ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ନୀଳମାଧବ ପାତ୍ର, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି। ଜିଲ୍ଲାପାଳ କୀର୍ତ୍ତି ଭାସନ କହିଛନ୍ତି ଯେ ଦିଲ୍ଲୀର ସାରଥି ଆଇଏଏସ୍ ଏକାଡେମୀ ଦ୍ୱାରା ଅଭିଜ୍ଞ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମାନଙ୍କ ଦ୍ୱାରା ଅନଲାଇନ କ୍ଲାସ ପ୍ରଦାନ କରାଯିବ। ଏଥି ସହ ସ୍ଥାନୀୟ ଅଭିଜ୍ଞ ପ୍ରଶାସନ ଅଧିକାରୀମାନେ ମଧ୍ୟ ଶିକ୍ଷା ପ୍ରଦାନ କରିବେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ ସଭା ପରିଚାଳନା କରିଥିଲେ ଏବଂ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୮୦ ୟୁନିଟ୍ ରକ୍ତ ସଂଗୃହୀତ



କୁକୁଡାଖଣ୍ଡି,୨୦।୪(ସମିସ): କୁକୁଡାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଲୋଚାପଡା ଅଞ୍ଚଳରେ ସମାଜସେବୀ ଏସ୍. ଅଜିତ୍ ପାତ୍ର ଜନ୍ମ ଦିନ ଅବସରରେ ରକ୍ତଦାନ ଶିବିର କରି ଏକ ମହତ କାର୍ଯ୍ୟକ୍ରମ କରିଛନ୍ତି।। ରବିବାର ଦିନ ସନ୍ଧ୍ୟାରେ ନିଜ ୩୯ତମ ଜନ୍ମଦିବସ ଅବସରରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଆୟୋଜିତ ଏହି ଶିବିରରେ ମୋଟ ୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଯୁବଗୋଷ୍ଠୀ ସହ ବିଭିନ୍ନ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ରକ୍ତଦାନ ଶିବିରକୁ ବ୍ରହ୍ମପୁର ଏମ୍.କେ.ସି.ଜି. ମେଡିକାଲ୍ ରକ୍ତଭଣ୍ଡାରର ରକ୍ତ ସଂଚାଳନ ବିଭାଗର ମୁଖ୍ୟ ଟୁଟୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ସହଯୋଗ କରିଥିଲେ।

● ରାଜଦୀପ ଅପହରଣ ଓ ହତ୍ୟା ଘଟଣା

## ଅଭିଯୁକ୍ତକୁ ରିମାଣ୍ଡରେ ଆଣିବ ପୁଲିସ

ପୋଲସରା,୨୦।୪(ସମିସ): ପୋଲସରା ଥାନା ମାଳ ତେନ୍ତୁଳିଆ ଗ୍ରାମରେ ଘଟିଥିବା ରାଜଦୀପ ହତ୍ୟା ଘଟଣାକୁ ପୁଲିସ ଗୁରୁତର ସହ ନେଇ ଅଭିଯୁକ୍ତକୁ ଗିରଫ କରିଛି। ଏନେଇ ପୁଲିସ ୨୧୪/୨୬ରେ ମାମଲା ରୁଜୁ କରିଛି। ପୁଲିସ ହତ୍ୟାକାଣ୍ଡରେ ବ୍ୟବହାର କରିଥିବା ସ୍କୁଟି, ଗାମୁଛା, ପ୍ୟାଣ୍ଟର ଲେସ ଆଦି ଜବତ କରିଛି। ଉକ୍ତ ହତ୍ୟାକାଣ୍ଡ ଘଟଣାରେ ବର୍ତ୍ତମାନ ଦୁଇ ଜଣ ସମ୍ପୃକ୍ତ ଥିବାନେଇ ପୁଲିସ ସୂଚନା ଦେଇଥିବା ବେଳେ ପ୍ରମୁଖ ତଥ୍ୟକୁ ନେଇ ମୃତ ରାଜଦୀପଙ୍କ ବାପା ପ୍ରକାଶ ସମେତ ପରିବାର ସମସ୍ତ ସଦସ୍ୟ ସହଜରେ ଗ୍ରହଣ କରି ପାରୁନାହାଁନ୍ତି। ଏହି ହତ୍ୟାକାଣ୍ଡରେ ଆହୁରି ୩ରୁ ୪ଜଣ ସମ୍ପୃକ୍ତ ଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ପୋଲସରା ଥାନାଧିକାରୀ କୌଶିକ ମାଝୀଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ଏହି ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ଥିବା ସୁବ୍ରତ ସାହୁ ଓରଫ କାଳିଆକୁ କୋର୍ଟଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟଜଣେ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଜାରୀ ରଖିଛି। ତେବେ ଏହି ହତ୍ୟାକାଣ୍ଡରେ ଆଉ କିଏ କିଏ ସାମିଲ ଅଛି ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ମାଝୀ କହିଛନ୍ତି। ଏଥିସହିତ ଆବଶ୍ୟକ ପଡିଲେ ଅଭିଯୁକ୍ତ ସୁବ୍ରତକୁ ପୁଲିସ ରିମାଣ୍ଡରେ ଆଣିପାରେ ବୋଲି ସେ ସୂଚନା ଦେଇଛନ୍ତି।

## ମଦନମୋହନ ଗୋପାଳ ସ୍ୱାମୀଙ୍କ ଚନ୍ଦନ ଯାତ୍ରା



ଗଞ୍ଜାମ,୨୦।୪(ସମିସ): ଗଞ୍ଜାମ ସହରରେ ମଦନ ମୋହନ ଗୋପାଳ ସ୍ୱାମୀଙ୍କ ଐତିହାସିକ ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଜୀଉଙ୍କୁ ଅପରାହ୍ନରେ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇ ସମନ୍ତରା ପୁଷ୍କରିଣୀରେ ସୁସଜ୍ଜିତ ନୌକାରେ ଉପବେଶନ କରାଯାଇ ତିନି ବେଢା ନୌକା ବିହାର କରାଯାଇଥିଲା। ଏହି ଅବସରରେ ମହିଳା ଶ୍ରଦ୍ଧାଳୁ ମାନେ ବେଢା ପରିକ୍ରମା କରିବା ସହ ହୁଳହୁଳି ଦେଉଥିଲେ। ପରେ ଠାକୁରଙ୍କୁ ମନ୍ଦିର ବେଢାରେ ଥିବା ଚନ୍ଦନ କୁଣ୍ଡରେ ସ୍ନାନ କରାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ବିଳମ୍ବିତ ରାତ୍ରରେ ପୁଣି ଥରେ ଜୀଉଙ୍କୁ ନୌକାରେ ଉପବେଶନ କରାଯାଇ ନୌକା ବିହାର କରାଯାଇଥିଲା। ପାରମ୍ପରିକ ବାଦ୍ୟ ବାଜଣାରେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଶାଳକାଠ ସହ ସାଇକଲ ଜବତ; ୫ ଗିରଫ



ବୈପାରିଗୁଡା,୨୦।୪(ସମିସ): ଗୁପ୍ତେଶ୍ୱର ବନବିଭାଗର ଚଢ଼ଉରେ ଶାଳ କାଠ ସହ ସାଇକେଲ ଜବତ ହୋଇଥିବା ବେଳେ ପାଞ୍ଚ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାଇ, ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବି ରନ୍ଧାରୀଙ୍କ ନିର୍ଦ୍ଦେଶକ୍ରମେ ତାଲୁର ବନପାଳ ବ୍ରଜରାଜ ରନ୍ଧାରୀଙ୍କ ନେତୃତ୍ୱରେ ବନରକ୍ଷୀ ସିପ୍ରା ଦାସ, ସ୍ୱାଗତ ବେହେରା ଏବଂ ରତନ ଅମାନତ୍ୟ ଗତକାଲି ସନ୍ଧ୍ୟାରେ ତାଲୁର ସଂରକ୍ଷଣ ଜଙ୍ଗଲରେ ପେଟ୍ରୋଲିଂ ପାଇଁ ବାହାରିଥିଲେ। ପେଟ୍ରୋଲିଂ ବେଳେ କିଛି କାଠ ମାଫିଆ କାଠ ସାଇଜ ଚୋରା ଚାଲାଣ କରୁଥିବା ଦେଖିବାକୁ ପାଇଥିଲେ। କାଠ ମାଫିଆଙ୍କୁ ଚଢ଼ଉ କରି ପାଞ୍ଚଖଣ୍ଡ ଶାଳ କାଠର ସାଇଜ ସହ ପାଞ୍ଚଟି ସାଇକେଲ ଜବତ କରାଯାଇଥିବା ବେଳେ ପାଞ୍ଚ ଜଣ କାଠ ମାଫିଆଙ୍କୁ ଗିରଫ କରାଯାଇଛି। ଆଜି ପାଞ୍ଚ କାଠ ମାଫିଆଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ଛବି ରନ୍ଧାରୀ ପ୍ରକାଶ କରିଛନ୍ତି।

## ସିହଳାରେ ଜନଅଭିଯୋଗ ଶୁଣାଣି



କୁକୁଡ଼ାଖଣ୍ଡି,୨୦।୪(ସମିସ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ସିହଳା ପଞ୍ଚାୟତରେ ଅଭିଯୋଗ ଶୁଣାଣି ହୋଇଯାଇଛି। ସରପଞ୍ଚ ଗୌରୀ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱାଇଁ, ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ସେଠୀ ସହ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣାଣୀ କରିଥିଲେ। ଏଥିରେ ୩୦ରୁ ଉର୍ଦ୍ଧ୍ୱ ଅଭିଯୋଗ ଶୁଣାଣି ହୋଇଥିବାବେଳେ ମୁଖ୍ୟ ସମସ୍ୟା ରାସନ୍ କାର୍ଡ, ଭତ୍ତା, ଆବାସ ଯୋଜନା, ସୁଭଦ୍ରା ଯୋଜନା ଇତ୍ୟାଦି ଅଭିଯୋଗ ରହିଥିବା ଦେଖିବାକୁ ମିଳିଛି। ଖୁବ୍‌ଶୀଘ୍ର ଅଭିଯୋଗଗୁଡ଼ିକ ଯାଞ୍ଚ କରାଯାଇ ସମାଧାନ କରାଯିବ ବୋଲି ପ୍ରଶାସନିକ ଅଧିକାରୀ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି।

## ୧୦୮ ରେ ଅକ୍ସିଜେନ୍ ମିଳିଲାନି; ଚାଲିଗଲା ରୋଗୀଙ୍କ ଜୀବନ

ଲକ୍ଷ୍ମୀପୁର,୨୦।୪(ସମିସ): କୋରାପୁଟ ମେଡ଼ିକାଲରୁ ବ୍ରହ୍ମପୁର ସ୍ଥାନାନ୍ତରବେଳେ ଜଣେ ଆହତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଦୀନବନ୍ଧୁ କୁମ୍ଭାର ନିଜ ଘର ବୋରିଗୁମା ଥାନା ଅନ୍ତର୍ଗତ କୁମ୍ଭାରପୁଟରୁ ୧୯ ତାରିଖରେ ନିଜ ବାଇକରେ ଯାଉଥିବାବେଳେ ମାଲକାନଗିରି ଜିଲ୍ଲା ସିନ୍ଦିରିମାଲ ନିକଟରେ ଏକ ଗାଈ ସହ ଧକ୍କା ହୋଇଥିଲା। ପ୍ରଥମେ ତାଙ୍କୁ ମାଲକାନାଗିରି ମେଡ଼ିକାଲ ଓ ପରେ କୋରାପୁଟ ଓ ତାପରେ ବ୍ରହ୍ମପୁର ମେଡିକାଲରୁ ସ୍ଥାନାନ୍ତରବେଳେ ମୃତ୍ୟୁ ଘଟିଛି। ଲକ୍ଷ୍ମୀପୁର ଅତିକ୍ରମ କଲାପରେ ରପକଣା ନିକଟରେ ତାଙ୍କୁ ନେଉଥିବା ୧୦୮ ଆମ୍ବୁଲାନ୍ସରେ ତ୍ରୁଟି ଦେଖାଦେବାରୁ ଅନ୍ୟ ଏକ ୧୦୮ କୁ ଯୋଗାଯୋଗ କରି ଡାକିଥିଲେ। ସେଥିରେ ଭର୍ତ୍ତି କରି ଅକ୍ସିଜେନ ଦେବାକୁ ଚେଷ୍ଟା କରାଯାଇଥିଲା କିନ୍ତୁ ଅକ୍ସିଜେନ ପାଇପ ଖରାପ ଥିବାରୁ ସମ୍ଭବ ହୋଇ ନ ଥିଲା। ପରେ ଆଉ ଏକ ୧୦୮ ଗାଡ଼ିକୁ ଯୋଗାଯୋଗ କରାଯାଇଥିଲା। ତାହା ଆସିବା ପ୍ରାୟ ଦୁଇ ଘଣ୍ଟା ବିଳମ୍ବ ହେବାରୁ ଲକ୍ଷ୍ମୀପୁର ମେଡ଼ିକାଲକୁ ଆଣି ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ତାର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଅକ୍ସିଜେନ ଅଭାବରୁ ମୋ ପୁଅର ମୃତ୍ୟୁ ହେଲା ବୋଲି ବାପା ଅଭିଯୋଗ କରିଛନ୍ତି।

## ବସ୍‌କୁ ଧକ୍କା ଦେଲା ଟ୍ରକ୍; ୧୦ ଆହତ

ପାତ୍ରପୁର,୨୦।୪(ସମିସ): ଆନ୍ଧ୍ର ଓଡ଼ିଶା ସୀମାନ୍ତ ଆଞ୍ଜୁ ରୋଡ୍‌ଠାରେ ବସକୁ ଟ୍ରକ୍ ଧକ୍କା ଦେବା ଫଳରେ ୧୦ ଜଣ ବସ ଯାତ୍ରୀ ଆହତ ହୋଇଥିବା ଜଣାଯାଇଛି। ଦୁର୍ଘଟଣାରେ ଗୁରୁତର ଆହତ ମାନେ ହେଲେ ଜୟନ୍ତୀପୁର ଗ୍ରାମର ଦୁର୍ଗା ମାଧବ ପାଢ଼ୀ, ଝିଅାମା ପାଢ଼ୀ, ଆଶୁତୋଷ ପଣ୍ଡା ପ୍ରମୁଖ ଗୁରୁତର ଆହତ ହୋଇଥିବା ବେଳେ ପ୍ରଥମେ ଇଚ୍ଛାପୁର ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଅନ୍ୟ ଆହତମାନେ ସାମାନ୍ୟ ଆହତ ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ବସକୁ ଏକ ଟ୍ରକ୍ ଧକ୍କା ଦେଇଥିଲା ଯାଫଳରେ ବସ ଯାତ୍ରା କରୁଥିବା ଯାତ୍ରୀ ମାନେ ଆହତ ହୋଇଥିଲେ।

# ଦୁର୍ଘଟଣାରେ ଅଜା ମୃତ, ନାତି ଗୁରୁତର

ଭଞ୍ଜନଗର,୨୦।୪(ସମିସ)

ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅନ୍ତର୍ଗତ ଗାଲେରୀ ଗ୍ରାମ ପୂର୍ବରୁ ଏକ ଅଟୋ ଓ ବାଇକ ମଧ୍ୟରେ ସୋମବାର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଗାଲେରୀର ଚିତ୍ରସେନ ନାଇକ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ନାତି ରାଜା ନାଇକ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇ ଦେଇଛି। ଏଥିସହ ଗୁରୁତର ଆହତ ରାଜାଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଚିତ୍ରସେନ ଓ ତାଙ୍କ ନାତି ରାଜା ଏକ ବାଇକରେ ଆଜି ମଧ୍ୟାହ୍ନରେ ଭଞ୍ଜନଗର ଅଭିମୁଖେ ଆସୁଥିଲେ। ଏହି ସମୟରେ ଗାଲେରି ମଦ ଦୋକାନ ନିକଟରେ ଏକ ଖାଲ ଥିବା ଯୋଗୁ ରାଜା ଗାଡିଟିକୁ ରୋଡ ମଝି ଦେଇ ଯିବାପାଇଁ ଉଦ୍ୟମ କରିଥିଲେ ମଧ୍ୟ ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଅଟୋ ସହ ସେମାନଙ୍କ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଏହାପରେ ଅଜା ନାତିଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ଅଣାଯାଇଥିଲା। ମେଡ଼ିକାଲରେ ଡାକ୍ତର ଚିତ୍ରସେନକୁ ମୃତ ଘୋଷଣା କରିଥିଲେ। ରାସ୍ତା ଖରାପ ଯୋଗୁ ଏତେବଡ ବିପଦ ଘଟିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

## ଟ୍ରକ୍ ଧକ୍କାରେ ଯୁବକ ଗୁରତର

ପୁରୁଷୋତ୍ତମପୁର,୨୦।୪(ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭାଟକୁମରଡା ବାଇଧର ମନ୍ଦିର ନିକଟରେ ଟ୍ରକ ସହ ସ୍କୁଟି ଧକ୍କା ଫଳରେ ସ୍କୁଟି ଚାଳକ ଗୁରତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ବାଇଧର ଛକର ଉତ୍ତମ ପଣ୍ଡା (୩୭)। ଖବରରୁ ଜଣାଯାଇଛି ଯେ (ଓଆର ୦୯-୭୪୫୧) ଟ୍ରକଟି ଚକା ପମ୍ପଚରି ଥିବାରୁ ଗାଡ଼ିଟି ଚକା ଖୋଲି ରାସ୍ତା କଡରେ ରହିଥିଲା। ବାଇଧର ପଟୁ ସେଠାକାର ଉତ୍ତମ ପଣ୍ଡା ନିଜର ସ୍କୁଟି (ଓଡି ୦୭ବିଡି୯୧୩୬)ରେ ଆସି ମୋବାଇଲରେ କଥା ହୋଇ ଟ୍ରକର ପଛ ପଟକୁ ଧକ୍କା ଦେଇ ଟ୍ରକ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ପୁଲିସ ସ୍କୁଟି ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ବୁଗୁଡ଼ା,୨୦।୪(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ବି.ବ୍ରହ୍ମପୁର କଦମ୍ବ ମଠ ନିକଟରେ ଅଜଣା ଗାଡି ଧକ୍କାରେ ଜଣଙ୍କ ଜୀବନ ଯାଇଛି। ମୃତକ ହେଲେ କୋଦଳା ଥାନା ଅନ୍ତର୍ଗତ ଦେଓଗାଁର ସନ୍ୟାସୀ ମୁଳି (୪୯)। ସନ୍ୟାସୀ ବୁଗୁଡ଼ା ନିକଟସ୍ଥ ବି.ବ୍ରହ୍ମପୁର ଗ୍ରାମର ଭଣଜା ଡ଼ମ୍ବ ମୁଳିଙ୍କ ବାହାଘରେ ଯୋଗ ଦେବାକୁ ଆସିଥିଲେ। ସନ୍ୟାସୀ ସୋମବାର ସକାଳ ପ୍ରାୟ ସାଢେ ୫ଟାରେ ବି .ବ୍ରହ୍ମପୁର ନିକଟ କଦମ୍ବ ମଠ ପୋଖରୀରେ ଶୌଚ ହୋଇ ଫେରିବା ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଥିଲା। ଦୁର୍ଘଟଣାରେ ତାଙ୍କର ଦୁଇ ଗୋଡ଼ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇ ଯାଇଥିଲା। ଖବର ପାଇ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୁଗୁଡ଼ା ମେଡିକାଲ ଆଣିଥିଲେ ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏନେଇ ବୁଗୁଡ଼ା ଥାନାରେ କେସନଂ ୧୯୮/୨୬ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଆଇଆଇସି ସିତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ। ଏସ୍ ଆଇ ଅଜୟ ମଲ୍ଲିକ ଶବ ଜବତ କରିବା ସହ ବ୍ୟବଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

## ବିଞ୍ଝଣାରେ ଅକ୍ଷିମୁଠି ଅନୁକୂଳ

ବେଲଗୁଣ୍ଠା,୨୦।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ବେଲଗୁଣ୍ଠା ବ୍ଲକ୍ ବିଞ୍ଝଣା ଠାରେ କରାଗାଡ଼ିଆ କୃଷକ ବାହିନୀ ଆନୁକୁଲ୍ୟରେ ଅକ୍ଷିମୁଠି ଅନୁକୂଳ କରାଯାଇଛି। ପାରମ୍ପରିକ ବାଦ୍ୟ ବାଜଣା ପଟୁଆର ମଧ୍ୟରେ ଅକ୍ଷିମୁଠି ଅନୁକୂଳ କରାଯାଇଥିବା ବେଳେ ହୁଳହୁଳି ଏବଂ ହଳିଆ ଗୀତରେ ଅଞ୍ଚଳରେ ଏକ ନିଆରା ବାତାବରଣ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ କୃଷକ ବାହିନୀ ସଭାପତି ଶିଶିର କାନ୍ତ ନାୟକ, ଶିକ୍ଷାବିତ୍ ଶିବରାମ ପାଢ଼ୀ, କ୍ଷେତ୍ରୀୟବରପୁର ସେବା ସମବାୟ ସମିତି ସଭାପତି ଲକ୍ଷ୍ମଣ ପଣ୍ଡା ଏବଂ ପୂର୍ବତନ ବେଣୀପଲ୍ଲୀ ସମିତି ସଭ୍ୟ ରାମଚନ୍ଦ୍ର ବିଶ୍ୱାଳଙ୍କ ସମେତ ଗ୍ରାମ ଭଦ୍ରବ୍ୟକ୍ତି ସୁରେନ୍ଦ୍ର ପ୍ରଧାନ, ତ୍ରିନାଥ ନାୟକ, କୃଷ୍ଣ ପ୍ରଧାନ, ଭଗବାନ ପ୍ରଧାନ, ସନ୍ନ୍ୟାସୀ ନାୟକ, କାଳୁଚରଣ ନାୟକ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ

ପାରଳାଖେମୁଣ୍ଡି,୨୦।୪(ସମିସ): ମାନସିକ ଅନଗ୍ରସର ନାବାଳିକାକୁ ଦୁଷ୍କର୍ମ ଅଭିଯୋଗର ଶୁଣାଣି କରି ଆଜି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ୍ ବିଭୁ ପ୍ରସାଦ ପଣ୍ଡା ପୋକ୍ସୋ ଆଇନ ପ୍ରକାରେ ମୋହନା ଥାନା ଅଞ୍ଚଳର ଅଭିଯୁକ୍ତ ପ୍ରଭାତ ଘଡ଼େଇ (୪୮ ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଜଜ ରାୟରେ ଉଲ୍ଲେଖ କରିଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପିଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ଜଜ୍ ନିର୍ଦ୍ଦେଶ ଜାରି କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଏମ୍. ପୃଥ୍ୱୀରାଜ ପରିଚାଳନା କରିଥିବା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦୨୨ ମସିହା ଜୁଲାଇ ୧୯ ତାରିଖରେ ମାନସିକ ଅନଗ୍ରସର ନାବାଳିକା ଝିଅ (୧୪ବର୍ଷ) ସବୁବେଳ ଭଳି ପଡ଼ିଶା ଘରେ ଟିଭି ଦେଖିବା ପରେ ଘର ପିଣ୍ଡାରେ ବସିଥିଲା। ସେହି ସମୟରେ ସାମ୍ନା ଘରେ ରହୁଥିବା ଅଭିଯୁକ୍ତ ପ୍ରଭାତ ଘଡ଼େଇ ତାଙ୍କୁ ବାହାନା କରି ନିଜ ଘରକୁ ଡାକି ଦୁଷ୍କର୍ମ କରିଥିଲା। ଏହି ବିଷୟ ଜାଣିବା ପରେ ନାବାଳିକାଙ୍କ ମା ୨୦ ତାରିଖରେ ମୋହନା ଥାନାରେ ମାମଲା ଦାୟର କରିଥିଲେ। ମାମଲାର ଗମ୍ଭୀରତାକୁ ନଜରରେ ରଖି ସବଇନ୍ସପେକ୍ଟର କୃଷ୍ଣ ଚନ୍ଦ୍ର ମଲ୍ଲିକ ଉକ୍ତ ମାମଲାର ତଦନ୍ତ କରି ଉକ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲେ । ଆଜି ୧୦ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ୧୭ ଦସ୍ତାବିଜକୁ ଆଧାର କରି ଜଜ୍ ଏହି ରାୟ ଦେଇଛନ୍ତି।

# ଗଛକୁ ପିଟିଲା ବାଇକ୍: ଚାଳକ ମୃତ, ଜଣେ ଗୁରୁତର

ମୋହନା,୨୦।୪(ସମିସ): ଗଜପତି ଜିଲ୍ଲା ଅଡବା ଥାନା ପାଣିଗଣ୍ଡା ନିକଟସ୍ଥ ଡେକାପଙ୍କା ଗାଁ ନିକଟରେ ଗଛକୁ ପିଟିଲା ବାଇକ। ଏଥିରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଶିବ ଦଣ୍ଡସେନା(୨୦)। ଗୁରୁତର ଆହତ ହେଲେ ମୋହନା ମାଦଳା। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଏକ ପଲସର ବାଇକରେ ଉଭୟ ଡେକାପଙ୍କା ଗାଁ ନିକଟରେ ବୁଲୁଥିଲେ। ଏହି ସମୟରେ ଏକ ଗଛ ସହ ବାଇକ ପିଟି ହୋଇଯାଇଥିଲା। ଏଥିରେ ବାଇକ ଚାଳକର ମୃତ୍ୟୁ ହୋଇଥିଲା। ଅଡବା ଥାନା ପୁଲିସ ଘଟଣାର ତଦନ୍ତ କରୁଛି।

# ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ



ପାରଳାଖେମୁଣ୍ଡି,୨୦।୪(ସମିସ): ଅକ୍ଷୟତୃତୀୟାରେ ରଥକାଠ ଅନୁକୂଳ ହୋଇଛି। ଏହି ଅବସରରେ ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରଥକାଠ ଅନୁକୂଳ ନିମନ୍ତେ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପାରଳାରେ ଥିବା ଜଗନ୍ନାଥ ମନ୍ଦିରରେ ଜଗନ୍ନାଥ ସଂସ୍କୃତି ଏବଂ ଗଜପତିର ରାଜକୀୟ ପରମ୍ପରା ଅନୁଯାୟୀ ରାଜ ପୁରୋହିତ, ରଥ ମହାରଣା, ରଥଯାତ୍ରା କମିଟି, ଜଗନ୍ନାଥ ସେବା ଦଳର ଉପସ୍ଥିତିରେ ପୂଜାହୋମ ହୋଇ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆସି ରଥକାଠ ଅନୁକୂଳର ପୂଜା ହୋଇଥିଲା। ଏଥିପାଇଁ ଆଜି ମନ୍ଦିର ପରିସରରେ ପ୍ରବଳ ଭିଡ ଜମିଥିଲା। ପୂଜାର୍ଚ୍ଚନାରେ ରାଜପୁରେହିତ କାମଦେବ ପାଢୀ, ମୁଖ୍ୟ ବଢେଇ ଅଶୋକ ମହାରଣା, ଜଗନ୍ନାଥ ସେବା ଦଳର ଦୁର୍ଗାମାଧବ ପାଣିଗ୍ରାହୀ, ଭାରତଭୂଷଣ ମହାନ୍ତି, ଟି.ବସନ୍ତ କୁମାର, ବସନ୍ତ କୁମାର ପଣ୍ଡା ଓ ପ୍ରନୋଜ ପଟ୍ଟନାୟକଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ଜିବିଡି ତରଫରୁ ଘୋଳଦହି ବଣ୍ଟନ




ପାରଳାଖେମୁଣ୍ଡି, ୨୦।୪ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଗଜପତି ବ୍ଲଡ଼ ଡୋନରର୍ସ ତରଫରୁ ଘୋଳଦହି ବଣ୍ଟନ କରାଯାଇଥିଲା। ପାରଳାଖେମୁଣ୍ଡିରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧିପାଉଥିବା ଏବଂ ଆଜି ଭିଡକୁ ଦେଖି ଗଜପତି ବ୍ଲଡ ଡୋନର୍ସ ପକ୍ଷରୁ ଘୋଳଦହି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଜି.ନବୀନ କୁମାର, ଉପସଭାପତି ଏସ୍.ଋଷିଙ୍କ ସହ ସଦସ୍ୟ କେ. ଶରତ କୁମାର, କ୍ରାନ୍ତି ବେହେରା, ଅମ୍ବିକା ମହାପାତ୍ର, ମୋହନି ପ୍ରଧାନ ଓ ସୁଲତାଭ ପାଣ୍ଡବ ସହଯୋଗ କରିଥିଲେ ।

## ଅକ୍ଷୟ ତୃତୀୟାରେ ଜିଲ୍ଲାସ୍ତରୀୟ କୃଷକ ଦିବସ

# ଆଧୁନିକ କୃଷି ପ୍ରଣାଳୀ ଆପଣାଇବାକୁ ଚାଷୀଙ୍କୁ ଆହ୍ୱାନ

ପାରଳାଖେମୁଣ୍ଡି,୨୦।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ବିଏନ୍ ପ୍ୟାଲେସ୍‌ରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଥିଲା। ନିକଟସ୍ଥ ଚାଷ ଜମିରେ ପାରମ୍ପରିକ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ଓ ଭୂମିପୂଜନ କାର୍ଯ୍ୟକ୍ରମ କରାଯାଇ ଅଖି ମୁଠି ଅନୁକୂଳ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ. ପ୍ରକାଶ ରାଓ, କୃଷି ଜିଲ୍ଲା ଅଧିକାରୀ ପାରଳାଖେମୁଣ୍ଡି ରବୀନ୍ଦ୍ର କୁମାର ଆଡ଼େକ, ଆର୍. ଉଦୟଗିରି କୃଷି ଜିଲ୍ଲା ଅଧିକାରୀ ବି.ଏନ୍.ମଙ୍ଗରାଜ ଓ ଜିଲ୍ଲା ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ କୁମାର ପଟ୍ଟନାୟକ ଏଥିରେ ଯୋଗଦେଇ ଚାଷ ଜମିରେ ଧାନ ବୁଣିବା ସହ ଜମିରେ ହଳ ଲଙ୍ଗଳ ବୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ରାଓ ଅକ୍ଷୟ ତୃତୀୟାର ଗୁରୁତ୍ୱ ଓ କୃଷି ଆନୁଷଙ୍ଗିକ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି କୃଷି କାର୍ଯ୍ୟ କରିବା ପାଇଁ ସମସ୍ତ ଚାଷୀ ଭାଇଭଉଣୀଙ୍କୁ ସଚେତନତା କରାଇଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ଅକ୍ଷୟ ତୃତୀୟା ପର୍ବର ପୌରାଣିକ ମହତ୍ତ୍ୱ ଓ ପ୍ରାସଙ୍ଗିକତା ବୁଝାଇଥିଲେ। ମଞ୍ଚାସୀନ ଅଧିକାରୀ ଅଭିଭାଷଣରେ ସରକାରଙ୍କ ସମସ୍ତ ଜନହିତକାରୀ ଯୋଜନାର ଲାଭ ଉଠାଇବା, ଆଧୁନିକ କୃଷି ପ୍ରଣାଳୀ ସହ ଅବଗତ ହେବା ପାଇଁ ଚାଷୀମାନଙ୍କୁ ଆହ୍ୱାନ କରିଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ସମେତ, ବ୍ଲକ୍ କୃଷି ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ, କୃଷକ ସାଥୀ ଏବଂ କୃଷି ଓ ଆନୁଷଙ୍ଗିକ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ।



# ଅକ୍ଷିମୁଠି ଅନୁକୂଳ କଲେ ଚାଷୀ

ଫିରିଙ୍ଗିଆ/ଫୁଲବାଣୀ,୨୦।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ଫୁଲବାଣୀ, ନାଁଗେନିକିଆରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ, ଜିଲ୍ଲା ବିଜେପି ସଭାପତି ପଣ୍ଡିତ ବିଶିମାଝି, ଜିଲ୍ଲା ଏସଡିସି ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ଆଦିତ୍ୟ କହଁର, ଜିଲ୍ଲା କୃଷି ଅଧିକାରୀ ତଥା ଏଡ଼ିଏମ କୁଶଳ ଚନ୍ଦ୍ର ନାୟକ, ପବିତ୍ର ମୋହନ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁମିନୀ ସାହୁ, ଗୋଷ୍ଠୀ କୃଷି ଅଧିକାରୀ ତଥା ଫୁଲବାଣୀ ସହକାରୀ ବୈଷୟିକ ପରିଚାଳକ ଉପେନ୍ଦ୍ର କୁମାର ସ୍ୱାଇଁ, ମହେନ୍ଦ୍ର କୁମାର ଦଳାଇ, ଶୁଭେନ୍ଦୁ କୁମାର ମିଶ୍ର, କୃଷି ଅଧୀଦର୍ଶକ ସୁରେନ୍ଦ୍ର କୁମାର ପ୍ରଧାନ, ଶରତ କୁମାର ବେହେରା ଓ ସୌରଭ କୁମାର ମହାପାତ୍ର ଉପସ୍ଥିତ ରହି ପ୍ରଥମେ ଅକ୍ଷିମୁଠି କାର୍ଯ୍ୟକ୍ରମ କରିଥିଲେ। ପରେ କୃଷକଙ୍କ ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ କୃଷିଭିତ୍ତିକ ଯୋଜନା ଏବଂ ସାହାଯ୍ୟ କିପରି ସଫଳ ଭାବେ ରୂପାୟନ ହୋଇପାରିବ ଏବଂ ଚାଷୀ କିପିରି ଲାଭବାନ ହୋଇପାରିବେ ସେ ବିଷୟରେ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ବହୁ କୃଷକ, ଜିଲ୍ଲା ବ୍ଲକ କୃଷି ଅଧିକାରୀ, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସମ୍ପାଦକ ମୁକ୍ତିକାନ୍ତ ମହାନ୍ତି, ବିଜେପି ଫୁଲବାଣୀ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର, ମିଣିଆ ସରପଞ୍ଚ ଗୌତମ କହଁର ଓ ବିଧାୟକ୍ ପ୍ରତିନିଧି ଲଳିତ ଦିଗାଲ, ଫୁଲବାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା କହଁର ଓ ମୋହନ ଦିଗାଲଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ। ଶେଷରେ ବିଜେପି କୃଷକ ମୋର୍ଚ୍ଚା ସଭାପତି ଆଦିତ୍ୟ କହଁର ଧନ୍ୟବାଦ ଅର୍ପଣ କରିଥିଲେ।



# ଭୁବନୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଗୁମ୍ମା,୨୦।୪(ସମିସ): ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ଏହି ଶିଶୁ କିପରି ବିଦ୍ୟାଳୟରେ ପାଠ ପଢି ଭବିଷ୍ୟତରେ ଉତ୍ତମ ନାଗରିକ ହୋଇ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିପାରିବେ ଏହି କଥାକୁ ଚିନ୍ତା କରି ତଥା ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଆଦର୍ଶ ନାଗରିକ କରିବା ଉଦ୍ଦେଶ୍ୟ ନେଇ ଆଜି ସେରଙ୍ଗ ଥାନା ଅନ୍ତର୍ଗତ ଭୁବନୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆଇନ ସଚେତନତା ଶିବିର ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ କିପରି ନାଁ କରିବେ ତଥା ଅନ୍ୟ ସାଙ୍ଗସାଥିଙ୍କୁ ବିଦ୍ୟାଳୟରେ ପଢିବା ନିମନ୍ତେ ପ୍ରୋତ୍ସାହିତ କରିବେ ସେ ନେଇ ସଚେତନ କରାଯାଇଥିଲା। ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସାଇବର କ୍ରାଇମ ତଥା ସେରଙ୍ଗ ଥାନାଧିକାରୀ କମଳା ଚୌଧୁରୀ ବାଲ୍ୟ ବିବାହ ତଥା ଅସଦାଚରଣ ରୋକିବା ନେଇ ରହିଥିବା ବିଭିନ୍ନ ଆଇନ ଉପରେ ସମସ୍ତଙ୍କୁ ସୂଚନା ଦେଇଥିଲେ। ସେହିପରି ପାରଳାଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ଜିତୁ ପଟ୍ଟନାୟକ ଛାତ୍ରଙ୍କୁ ଜୀବନର ଲକ୍ଷ୍ୟ ଉପରେ ଉଦବୋଧନ ଦେଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଓକିଲ ମମତା ଦେବୀ ଓ ଗୁମ୍ମା ବ୍ଲକ ଶିକ୍ଷା ଅଧିକାରୀ ନୟନ ରଞ୍ଜନ ମଣ୍ଡଳ ବିଭିନ୍ନ ଆଇନ ବିଷୟରେ ପିଲାଙ୍କୁ ସଚେତନ କରିଥିଲେ।



# ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍

ବୁଗୁଡା,୨୦।୪(ସମିସ): ଜାତୀୟ ଅଗ୍ନିସେବା ସୁରକ୍ଷା ସପ୍ତାହ ପାଳନ ଅବସରରେ ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଖୋଳଖାଲି ବାଙ୍କେଶ୍ୱରୀ ବିଦ୍ୟାପୀଠରେ ପୃଥକ ପୃଥକ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ପ୍ରତାପ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ କର୍ମଚାରୀ ପ୍ରଦୀପ ପାଟଶାଣି, କ୍ଷୀରୋଦ କୁମାର ନାୟକ, ଜଗବନ୍ଧୁ ମାହାଳି, ଅଶୋକ କୁମାର ଭୋଳ ଉପସ୍ଥିତ ରହି ନିଆଁ ଲାଗିଲେ କିପରି ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର ଓ ସୁରକ୍ଷା ପ୍ରଦାନ କରାଯାଇପାରିବ ସେନେଇ ସଚେତନ କରାଯିବା ସହ ବିଦ୍ୟୁତ୍, ତୈଳ ଓ ଅନ୍ୟାନ୍ୟ ଅଗ୍ନିକାଣ୍ଡ ସମୟରେ ଅଗ୍ନି ନିର୍ବାପକ ଯନ୍ତ୍ରର ପ୍ରୟୋଗ କୌଶଳ ପ୍ରଦର୍ଶନ କରି ସଚେତନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଙ୍କେଶ୍ୱରୀ ବିଦ୍ୟାପୀଠର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ମାନେ ଏବଂ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ ପ୍ରଶିକ୍ଷଣ ନେଇଥିଲେ।




# ଘୋରଣୀରେ ପଞ୍ଚାୟତସ୍ତରୀୟ ଜନଶୁଣାଣି



ଗୋଷାଣି,୨୦।୪(ସମିସ): ଗୋଷାଣି ବ୍ଲକ ଘରୋଣୀରେ ପଞ୍ଚାୟତସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇ ସମୁଦାୟ ୧୨ ଅଭିଯୋଗର ଶୁଣାଣି କରିଥିଲେ। ଏଥିମଧ୍ୟରୁ ଗୋଟିଏ ଗ୍ରାମ୍ୟ ପାନୀୟଜଳ ସମସ୍ୟା ଏବଂ ଦୁଇଟି ପେନସନ୍ ସମ୍ବନ୍ଧୀୟ ମୋଟ ୩ଟି ସମସ୍ୟାର ତୁରନ୍ତ ସମାଧାନ କରିଥିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ । ଅନ୍ୟ ୯ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ପାରଳାଖେମୁଣ୍ଡି ଅତିରିକ୍ତ ତହସିଲଦାର ବି.ଆଲିଆନାର୍ଙ୍କ, ଘରୋଣୀ ସରପଞ୍ଚ କଳ୍ପନା ପ୍ରଧାନ ଓ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର ଉପସ୍ଥିତ ଥିଲେ। ଶିବିରରେ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିବାବେଳେ ପିଇଓ ଏନ୍. ଭେଙ୍କଟରାଓ ପରିଚାଳନାରେ ସହଯୋଗ କରିଥିଲେ।

# ସିଏମ୍ ଟ୍ରଫି ପ୍ରତିଯୋଗିତାରେ ଜି.ଉଦୟଗିରିର ୨ ଖୋଖୋ ଦଳ

ଜି.ଉଦୟଗିରି,୨୦।୪(ସମିସ): ଫୁଲବାଣୀ ଷ୍ଟାଡିୟମରେ ୨ ଦିନିଆ ସିଏମ ଟ୍ରଫି ଖେଳ ପ୍ରତିଯୋଗିତା ଆଜି ଠାରୁ ଆରମ୍ଭ ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ଦଳ ଅଂଶ କରିଛନ୍ତି। ଏହି କ୍ରମରେ ଜି.ଉଦୟଗିରି ହାବକ ହାଇସ୍କୁଲ ୧୫ ବର୍ଷରୁ କମ ବାଳକ ଟିମ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାଳିକା ଖୋଖୋ ଟିମ ସାମିଲ ହୋଇଛନ୍ତି। ହାବକ ହାଇସ୍କୁଲ ଖେଳ ଶିକ୍ଷକ ସତ୍ୟବ୍ରତ କର୍ଣ୍ଣ, ବାଳିକା ବିଦ୍ୟାଳୟ ଖେଳଶିକ୍ଷକ ସ୍ମିତା ଭୋଇଙ୍କ ତତ୍ତ୍ୱାବଧାନରେ ଦୁଇ ଟିମ ଅଂଶ ଗ୍ରହଣ କରିଛନ୍ତି। ଏହି ଦୁଇ ଦଳ ବହୁ ପ୍ରତିଯୋଗିତାରେ ଚମ୍ପିଆନ ହୋଇ ଜିଲ୍ଲାକୁ ଗୌରବ ଆଣିଛନ୍ତି।



# ପିଡିଏସ୍ ଚାଉଳରେ ଅପମିଶ୍ରଣ ଅଭିଯୋଗ

ଫିରିଙ୍ଗିଆ,୨୦।୪(ସମିସ)

- ଭୟରେ ହିତାଧିକାରୀ
- ଯୋଗାଣ ନିରୀକ୍ଷକ କହିଲେ ଭିଟାମିନ ଚାଉଳ

ଫିରିଙ୍ଗିଆ ବ୍ଲକ୍‌ରେ ରାଜ୍ୟ ସରକାରଙ୍କ ଦ୍ୱାରା ଗରିବ ଅସହାୟ ଲୋକଙ୍କୁ ଯୋଗାଇ ଦିଆଯାଇଥିବା ପିଡିଏସ୍ ଚାଉଳରେ ଅପମିଶ୍ରଣ ହୋଇଥିବା କିଛି ହିତାଧିକାରୀ ଅଭିଯୋଗ କରିଛନ୍ତି। ସେଥିରେ ପ୍ଲାଷ୍ଟିକ୍ ଭଳି କିଛି ମିଶିଥିବା ସେମାନେ କହୁଥିବାବେଳେ ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରୁ ସରକାରଙ୍କ ତରଫରୁ ଏସ୍‌ଆଇଆର୍ ଭିଟାମିନ ଚାଉଳ ବଣ୍ଟନ କରାଯାଉଛି ଏବଂ ଏହା ପ୍ଲାଷ୍ଟିକ କିମ୍ବା ଅପମିଶ୍ରିତ ଚାଉଳ ନୁହେଁ। ଏହାକୁ ହିତାଧିକାରୀ ଖାଇଲେ କିଛି ଅସୁବିଧା ନାହିଁ ବୋଲି କହିଛନ୍ତି। ତେବେ ଏହି ଚାଉଳ ପ୍ରକୃତ ଚାଉଳ ନା ଅପମିଶ୍ରିତ ପ୍ଲାଷ୍ଟିକ ଚାଉଳ ସେଥିନେଇ





କିଛି ହିତାଧିକାରୀ ସନ୍ଦେହ କରିଛନ୍ତି।

ସୂଚନା ଅନୁସାରେ ଲୁଇସିଂ ପଞ୍ଚାୟତକୁ ରାସନକାର୍ଡରେ ପିଡିଏସ୍ ଚାଉଳ ଯୋଗାଣ ପାଇଁ ୧୨ ତାରିଖରେ ୧୯୬ କ୍ୱିଣ୍ଟାଲ ଅଣାଯାଇ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ବଣ୍ଟନ ପରେ ଚାଉଳ ଅପମିଶ୍ରିତ ହୋଇଥିବା ହିତାଧିକାରୀ ଦେଖିବାକୁ ପାଇଥିଲେ। ଘରକୁ ଚାଉଳ ନେବାପରେ ଅପମିଶ୍ରିତ ଭଳି ଲାଗୁଥିବା ଧଳା ଚାଉଳକୁ କିଛି ହିତାଧିକାରୀ ନିଆଁରେ ପୋଡ଼ିଲେ ତାହା ପ୍ଲାଷ୍ଟିକ ପରି ଜଳୁଥିବାବେଳେ ଏହା ପ୍ଲାଷ୍ଟିକ ଚାଉଳ କିମ୍ବା କୌଣସି ଅପମିଶ୍ରିତ ଚାଉଳ ହୋଇଥିବା ସନ୍ଦେହରେ ଅଞ୍ଚଳରେ ହିତାଧିକାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଚାଉଳରେ ଧଳା ପ୍ଲାଷ୍ଟିକ ଭଳି ଚାଉଳ ମିଶିଛି। କିଛି ହିତାଧିକାରୀ ଧଳା ଚାଉଳ ବାହାର କରି ରୋଷେଇ କରିଥିବା କହିଛନ୍ତି। ଏହା ସାଧାରଣଠାରୁ ଭିନ୍ନ ପ୍ରକାର ବୋଲି ସେମାନେ କହିଛନ୍ତି। ପୂର୍ବରୁ କିଛି ବର୍ଷ ପୂର୍ବେ ବନ୍ଧଗଡ଼ ପଞ୍ଚାୟତରେ ମଧ୍ୟ ପ୍ଲାଷ୍ଟିକ ଚାଉଳ କିମ୍ବା ଅପମିଶ୍ରିତ ଚାଉଳ ଯୋଗାଣ କରାଯାଇଥିବା ଅଭିଯୋଗ ହୋଇଥିଲା। ସମାନ ଅଭିଯୋଗ ଉପାନ୍ତ ଅଞ୍ଚଳ ଲୁଇସିଂ ପଞ୍ଚାୟତର ହିତାଧିକାରୀ ମଧ୍ୟ କରିଛନ୍ତି। ଅନ୍ୟପଟେ ଚାଉଳକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଚାଉଳ ନେଇ ଯାଞ୍ଚ କରାଯିବାକୁ ଦାବି ହେଉଛି।

# ଆବଶ୍ୟକବେଳେ ମିଳୁନି ଆମ୍ବୁଲାନ୍ସ ସେବା

ଜି.ଉଦୟଗିରି,୨୦।୪(ସମିସ): ଗୁରୁତର ରୋଗୀଙ୍କ ପାଇଁ ପ୍ରତି ସେକେଣ୍ଡ ମୂଲ୍ୟବାନ ହୋଇଥିବା ବେଳେ ଠିକ ସମୟରେ ଚିକିତ୍ସା ଜୀବନ ରକ୍ଷା କରିପାରେ। କିନ୍ତୁ ସରକାରଙ୍କ ଏହି ଜରୁରୀ ସେବା ଯଥେଷ୍ଟ ହେଉନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ସୁଦ୍ଧା ଜରୁରୀ ସେବା ବାଟବଣା ହୋଇଛି। ରବିବାର ସକାଳ ୯ଟା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ସମିତି ସଭ୍ୟା ତଥା ଏକ ସ୍ୱେଚ୍ଛାସେବୀ ସଂଗଠନର ସଂଯୋଜିକା ସୁସ୍ମିତା ଜେନା ହଠାତ ଅସୁସ୍ଥତା ଅନୁଭବ କରିବାରୁ ସଂଗଠନର ସମ୍ପାଦକ ଇ.ହରିଶଙ୍କର ରାଉତ ୧୧୨ ନମ୍ବରକୁ ଫୋନ୍ କରିଥିଲେ। ହେଲେ ବର୍ତ୍ତମାନ ଆମ୍ବୁଲାନ୍ସ ନାହିଁ ବୋଲି ଉତ୍ତର ମିଳିଥିଲା। କିଛି ସମୟ ବ୍ୟବଧାନରେ ପ୍ରେସକ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀ ମଧ୍ୟ ୧୧୨କୁ ଯୋଗାଯୋଗ କରିବାରେ ସମାନ ଉତ୍ତର ମିଳିଥିଲା। ଅନ୍ୟ ଉପାୟ ନ ପାଇ ଏକ ଘୋରାଇ ଗାଡିରେ ପ୍ରେସ କ୍ଲବସମ୍ପାଦକ ଅନିଲ ଦଳବେହେରା ଏବଂ କାର୍ଯ୍ୟକାରୀ ସଭ୍ୟ ଦୁର୍ଗା ମାଧବ ପଟ୍ଟନାୟକ ଓ ନୀଳମାଧବ ପ୍ରଧାନଙ୍କ ସହଯୋଗରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ ଡାକ୍ତରଖାନାରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିବା ସହ ଏପରି ଜରୁରୀକାଳୀନ ସେବା ସମୟରେ ଆମ୍ବୁଲାନ୍ସ ନ ମିଳିବାକୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ଏହାର ସମାଧାନ କରାଯିବା ନିମନ୍ତେ ସାଧାରଣରେ ଦାବି ହେଉଛି।



**ସମସ୍ୟାରେ ପଡୁଛନ୍ତି ଗୁରୁତର ରୋଗୀ**

# ଯକୃତ ଦାନ କରି ଅମର ହୋଇଗଲେ ମହିଳା ଡାକ୍ତର

ଭୁବନେଶ୍ୱର ୨୦।୪ (ସମିସ): ଜଣେ ଗୁରୁତର ରୋଗୀଙ୍କୁ ଅଙ୍ଗଦାନ କରି ଅମର ହୋଇ ଯାଇଛନ୍ତି ଜନୈକ ମହିଳା ଡାକ୍ତର। ତାଙ୍କ ଯକୃତରେ ନୂଆ ଜୀବନ ପାଇଛନ୍ତି ୪୬ ବର୍ଷୀୟ ବ୍ୟକ୍ତି। ଏମ୍ସ ଭୁବନେଶ୍ୱରରେ ଯକୃତ ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ ହୋଇଛି। ଭଦ୍ରକ ଜିଲ୍ଲାର ଜଣେ ହୋମିଓପାଥିକ୍ ଚିକିତ୍ସା ଅଧିକାରୀ ଡ. ରାଧା ପାଢ଼ୀ ମୃତ୍ୟୁପରେ ଯକୃତ ଦାନ କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

- ନୂତନ ଜୀବନ ପାଇଲେ ୪୬ ବର୍ଷୀୟ ବ୍ୟକ୍ତି
- ଏମ୍ସ ଭୁବନେଶ୍ୱରରେ ସଫଳ ପ୍ରତିରୋପଣ



ଦୀର୍ଘ ବର୍ଷ ଧରି ପ୍ଲେଟଲେଟ୍ ରୋଗ ସହିତ ଲଢୁଥିବା ଡ. ପାଢ଼ୀ ଅସୁସ୍ଥତା କାରଣରୁ ଏମ୍ସ ଭୁବନେଶ୍ୱର ଚିକିତ୍ସାଧୀନ ଥିଲେ। ଏହାରି ଭିତରେ ସେ ନିଜ ଅଙ୍ଗଗୁଡ଼ିକୁ ଦାନ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ। ଚଳିତ ମାସ ୨ ତାରିଖରେ ଡ. ପାଢ଼ୀଙ୍କୁ ବ୍ରେନ୍ ଷ୍ଟେମ୍ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ପରିବାର ସଦସ୍ୟମାନେ ସ୍ୱର୍ଗତ ପାଢ଼ୀଙ୍କ ଇଚ୍ଛାକୁ ସମ୍ମାନ ଦେଇ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଆନେସ୍ଥେସିଆ ବିଭାଗର ଡାକ୍ତର ସ୍ୱାଗତା ତ୍ରିପାଠୀ ଏ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୩ ତାରିଖରେ ଏମ୍ସ ଭୁବନେଶ୍ୱରର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଦଳ ଦ୍ୱାରା ତାଙ୍କର ଯକୃତକୁ ୪୬ ବର୍ଷୀୟ ଜଣେ ପୁରୁଷ ରୋଗୀଙ୍କ ଶରୀରରେ ସଫଳତାର ସହିତ ପ୍ରତିରୋପଣ କରାଯାଇଥିଲା। ଯକୃତ ପ୍ରତିରୋପିତ ହୋଇଥିବା ବ୍ୟକ୍ତିଜଣଙ୍କ ସୁସ୍ଥ ଅଛନ୍ତି। ଆସନ୍ତାକାଲି ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯିବା ନେଇ ସୂଚନା ମିଳିଛି। ତେବେ ଜଣେ ମୃତ ରୋଗୀଙ୍କ ଠାରୁ ଯକୃତ ଆଣି ଅନ୍ୟଜଣଙ୍କ ଶରୀରରେ ପ୍ରତିରୋପଣ କରିବା, ଏମ୍ସ ଭୁବନେଶ୍ୱର ପାଇଁ ପ୍ରଥମ। ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗୀୟ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ପ୍ରତିରୋପଣ କରାଯାଇଥିଲା।

ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଅଙ୍ଗଦାତାଙ୍କ ପରିବାର ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ମେଡିକାଲ୍ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏମ୍ସ ଭୁବନେଶ୍ୱରରେ ସ୍ୱର୍ଗତ ଡ଼ାକ୍ତର ପାଢ଼ୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି।

# ସମ୍ବଲପୁର ଶୀତଳଷଷ୍ଠୀର ଆଦ୍ୟପର୍ବ 'ଥାଳ ଉଠା' ସମ୍ପନ୍ନ

ସମ୍ବଲପୁର, ୨୦।୪ (ସମିସ) : ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟପର୍ବ 'ଥାଳ ଉଠା' ସୋମବାର ସନ୍ଧ୍ୟାରେ ସମସ୍ତ ଶିବାଳୟରେ ସମ୍ପନ୍ନ ହୋଇଛି। ଦେବଦେବ ମହାଦେବ ଏବଂ ମାତା ପାର୍ବତୀଙ୍କ ଏହି ଅଲୌକିକ ଦେବବିବାହ ସାରା ବିଶ୍ୱରେ ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଛି। ଅକ୍ଷୟ ତୃତୀୟା ତିଥିରେ ଏହି ଦେବବିବାହ ରୀତିନୀତି ଆରମ୍ଭ ହୋଇଥାଏ। ଏହି ତିଥିରେ ଦେବଦମ୍ପତିଙ୍କ ପିତାମାତା ଚୟନ କରାଯିବା ସହ ଦେବବିବାହ ପାଇଁ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ସହଯୋଗ କାମନା କରାଯାଇଥାଏ। ଏହାର ପ୍ରାୟ ମାସକ ପରେ ହେବ ଦେବବିବାହ ଓ ଶୀତଳଷଷ୍ଠୀ ଯାତ୍ରା ହୋଇଥାଏ, ତେବେ ଚଳିତବର୍ଷ ଯୋଡ଼ା ଜ୍ୟେଷ୍ଠ ପଡୁଥିବାରୁ ତାହା ଆଉ ମାସେ ଘୁଞ୍ଚିଯିବ। ଚଳିତବର୍ଷ ଆସନ୍ତା ଜୁନ୍ ୧୬ ତାରିଖ ପତର୍‌ପେଁଡ଼ି ବା ନିର୍ବନ୍ଧ, ୧୭ ତାରିଖ ଗୁଆଗୁଁଡ଼ା ବା ଦେବ ନିମନ୍ତ୍ରଣ, ୧୮ ତାରିଖ ରାତିରେ ବରାତି ବା ବରାନୁଗମନ ଏବଂ ବିଳମ୍ବିତ ରାତ୍ରି ଓ ଭୋର୍‌ରେ ଶୁଭ ଲଗ୍ନରେ ବିବାହ ପାଣିଗ୍ରହଣ ହେବ। ଜୁନ୍ ୧୯ ତାରିଖ ଶୁକ୍ରବାର ରାତିରେ ଶୀତଳଷଷ୍ଠୀ ମୁଖ୍ୟଯାତ୍ରା ନଗର ପରିକ୍ରମା ଆରମ୍ଭ ଓ ଜୁନ ୨୦ ତାରିଖ ଦିନତମାମ ଯୁଗଳଦର୍ଶନ ପରେ ସନ୍ଧ୍ୟାରେ ଦେବଦମ୍ପତି ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି। ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତର୍‌ପେଁଡ଼ି ଦୁଇଦିନ ପୂର୍ବରୁ ହୋଇଥାଏ। ଆଜି ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ାର ଶ୍ରୀ ଲୋକନାଥ ବାବା, ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବା, ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବା ଆଦି ସମସ୍ତ ଶିବାଳୟରେ 'ଥାଳ ଉଠା' ରୀତିନୀତିରେ ସମ୍ପନ୍ନ ହୋଇ ଶୀତଳଷଷ୍ଠୀ ଯାତ୍ରାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାବ୍ୟତୀତ ବାଲିବନ୍ଧାର ଶ୍ରୀ ସୋମନାଥ ବାବା, ବୁଢ଼ାରଜାର ଶ୍ରୀ ପାହାଡ଼େଶ୍ୱର



ବାବା, ଦୁର୍ଗାପାଲିର ଶ୍ରୀ ଗୁଡ଼େଶ୍ୱର ବାବା, କୁଲୁଥକାନୀର ଶ୍ରୀ କନ୍ଲେଶ୍ୱର ବାବା, ଶଙ୍କର ମଠ (ଭତରା) ର ଶ୍ରୀ ସପ୍ନେଶ୍ୱର ବାବା, ସାଲିଆ ବଗିଚା (କୁମ୍ଭାରପଡ଼ା)ର ଶ୍ରୀ ରାମେଶ୍ୱର ବାବା, ସିନ୍ଦୂରପଙ୍କର ଶ୍ରୀ ତାରକେଶ୍ୱର ବାବା, ମାନେଶ୍ୱରର ଶ୍ରୀ ମାନ୍ଧତା ବାବା, ବୁର୍ଲାର ଶ୍ରୀ ନୀଳକଣ୍ଠେଶ୍ୱର ବାବା ଆଦି ସମସ୍ତ ଶିବାଳୟ ମାନଙ୍କରେ ଦେବ ଦେବ ମହାଦେବଙ୍କ ବିବାହ ନିମନ୍ତେ 'ଥାଳ ଉଠା' କାର୍ଯ୍ୟ ସମ୍ପନ୍ନ ହୋଇଛି।

# ଆଜି ରାଉରକେଲା ଆସିବେ ରାଷ୍ଟ୍ରପତି

ରାଉରକେଲା,୨୦।୪(ସମିସ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ରାଉରକେଲାକୁ ଦିନିକିଆ ଗସ୍ତରେ ଆସିବେ। ଏହି ଅବସରରେ ସେ ଏୟାରପୋର୍ଟ ଗ୍ରାଉଣ୍ଡରେ ବିଶାଳ ସମାବେଶ 'ଆଦି ପର୍ବ - ୨୦୨୬' ରେ ଯୋଗଦେଇ ସମ୍ବୋଧିତ କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ସ୍ୱତନ୍ତ୍ର ବିମାନ ଯୋଗେ ସକାଳ ୧୦ଟା ୨୫ ମିନିଟରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ୧୦ଟା ୩୫ ମିନିଟ୍‌ରେ ପୁନଶ୍ଚ ଅନ୍ୟ ଏକ ସ୍ୱତନ୍ତ୍ର ବିମାନରେ ବାହାରି ରାଉରକେଲା ବିମାନ ବନ୍ଦରରେ ୧୧ଟା ୧୦ ମିନିଟରେ ପହଞ୍ଚିବେ। ସେଠାରୁ ପୂର୍ବାହ୍ନ ୧୧ଟା ୩୦ ମିନିଟରେ ରାଉରକେଲା ଏୟାରପୋର୍ଟରେ ପହଞ୍ଚିବେ। ୧୧ଟା ୪୦ରୁ ୧୨ଟା ୪୦ ମିନିଟ ପର୍ଯ୍ୟନ୍ତ ୧ ଘଣ୍ଟା ଧରି ରାଷ୍ଟ୍ରପତି ସଭାସ୍ଥଳରେ ବିଶାଳ ସମାବେଶକୁ ସମ୍ବୋଧିତ କରିବେ। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ରାଉରକେଲା ସହରର ସିଭିଲ ଟାଉନସିପ୍‌ଠାରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ପକ୍ଷରୁ ୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ଜନଜାତି ଆଦିବାସୀମାନଙ୍କ ଜୀବିକା ଓ ଜୀବନ ଶୈଳୀ ଉପରେ ନିର୍ମିତ ଆଦିବାସୀ ସଂଗ୍ରହାଳୟକୁ ଲୋକାର୍ପଣ କରିବା ସହ ସେଠାରେ ୪୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି)କୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ୪୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି)କୁ ରାଷ୍ଟ୍ରପତି ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି।

**ଆଦିବାସୀ ସଂଗ୍ରହାଳୟ, କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ବିଜ୍ଞାନ ପାର୍କ, ପ୍ଲାନେଟୋରିୟମ୍, ନିର୍ମଳ ମୁଣ୍ଡା ପରିବେଶ ପଥକୁ କରିବେ ଲୋକାର୍ପଣ**

**ମହିଳାଙ୍କୁ ରାତି ବିତାଇବାକୁ ଡାକିବା ଘଟଣା**

# ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ନାମରେ ମାମଲା

ନୟାଗଡ଼,୨୦।୪(ସମିସ): ଜଣେ ମହିଳାଙ୍କୁ ରାତି ବିତାଇବାକୁ ଡାକିବା ଘଟଣାରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନଙ୍କ ନାମରେ ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇଛି। ଫତେଗଡ଼ ଗ୍ରାମର ରଶ୍ମିତା କହଁରଙ୍କ ଅଭିଯୋଗ ଆଧାରରେ ପୁଲିସ ୧୧୮/୨୬ରେ ମାମଲା ରୁଜୁ କରିଛି। ଏସ୍‌ଡିପିଓ ପ୍ରଧାନ ରଶ୍ମିତାଙ୍କୁ ହ୍ୱାଟ୍ସଆପରେ ମେସେଜ କରି ପ୍ରେମ ନିବେଦନ କରିବା ଏବଂ ଫୋନ୍ ଜରିଆରେ ରାତି ବିତାଇବାକୁ ଡାକିବା ଘଟଣାର ଅଡିଓ ଭାଇରାଲକୁ ନେଇ ରବିବାର ଜିଲ୍ଲା ପୁଲିସ ତଦନ୍ତ ଶେଷ କରି ପୁଲିସ ମହାନିର୍ଦ୍ଦେଶକଙ୍କ ଅଫିସ୍‌ରେ ରିପୋର୍ଟ ଦାଖଲ କରିଥିଲା। ଡିଜିପିଙ୍କ ଅଫିସ୍‌ରୁ ଜିଲ୍ଲା ପୁଲିସକୁ ମିଳିଥିବା ନିର୍ଦ୍ଦେଶ ଆଧାରରେ ସୋମବାର ଅପରାହ୍ନରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଏହା ସହିତ ଏସ୍‌ଡିପିଙ୍କୁ ଖଣ୍ଡପଡ଼ାରୁ ପ୍ରତ୍ୟାହାର କରାଯାଇ ତାଙ୍କ ସ୍ଥାନରେ ଜିଲ୍ଲା ପୁଲିସ ମୁଖ୍ୟାଳୟର ଜଣେ ଡିଏସ୍‌ପିଙ୍କୁ ଦାୟିତ୍ୱ ଦିଆଯିବା ପାଇଁ ପ୍ରସ୍ତୁତି ସରିଛି।

ନୟାଗଡ଼ ଜିଲ୍ଲାରେ ପ୍ରଥମ ଥର ପାଇଁ ଜଣେ ନାରୀ ଶୋଷଣକାରୀ ପୁଲିସ ଅଧିକାରୀଙ୍କ ବିରୋଧରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ସୋସିଆଲ ମିଡିଆରେ ଏହି ଘଟଣାକୁ ନେଇ ଝଡ଼ ସୃଷ୍ଟି ହୋଇଛି। ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର ଅନେକ ଯୁବକଙ୍କୁ ଏସ୍‌ଡିପିଓ ହଇରାଣ କରିବା, ମିଛ ମାମଲାରେ ଗିରଫ କରିବା ଭଳି ପୂର୍ବରୁ ଅନେକ ଅଭିଯୋଗ ରହିଛି। ଏବେ ରଶ୍ମିତାଙ୍କ ସହ ଘଟିଥିବା ଘଟଣାର ଫୋନ୍ ବାର୍ତ୍ତାଳପ, ହ୍ୱାଟ୍ସଆପ ଚାଟ୍ ସାମ୍ନାକୁ ଆସିବା ପରେ ଏସ୍‌ଡିପିଓଙ୍କ କଳାକାରନାମା ପ୍ରମାଣିତ ହୋଇଛି। ରଶ୍ମିତାଙ୍କ ଅଭିଯୋଗ ଅନୁଯାୟୀ, ଏକ ମାମଲାର ସମାଧାନ କରିବା ବାହାନାରେ ଏସ୍‌ଡିପିଓ ତାଙ୍କୁ ହୋଟେଲ ଯିବା, ବାହାରକୁ ଯାଇ ଗପିବା ଆଦି ବିଭିନ୍ନ ବାହାନା କରି ମାନସିକ ଚାପ ମଧ୍ୟ ସୃଷ୍ଟି କରିଛନ୍ତି। ତାଙ୍କ ସ୍ୱାମୀଙ୍କୁ କୌଣସି ଏକ ମାମଲାରେ ଗିରଫ କରିବାକୁ ଧମକ ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଛନ୍ତି। ରଶ୍ମିତାଙ୍କୁ ଏସ୍‌ଡିପିଓ ଶାଢ଼ି ଖୋଲିବା ଅବସ୍ଥାରେ ଫଟୋ ମାଗିବା ସହ ବାରମ୍ବାର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ଏପରିକି ପରୋକ୍ଷରେ ତାଙ୍କ ସହ ରାତି ବିତାଇବା ପାଇଁ ଡାକିଥିବାର ଏକ ଅଡିଓ କ୍ଲିପ୍ ମଧ୍ୟ ମିଳିଛି। ଯେଉଁଥିରେ ଏସ୍‌ଡିପିଓ ଅଟୋରେ ଆସି ରାତିରେ ରହିବାକୁ କହୁଥିବା ଏବଂ ସମ୍ପର୍କ ରଖିଲେ କିଛି ଅସୁବିଧା ହେବ କି ବୋଲି ପ୍ରଶ୍ନ କରିଥିବା ଶୁଣାଯାଉଛି। ଏସ୍‌ଡିପିଓ ପ୍ରଧାନ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଏକଦମ ଖାସ ହୋଇଥିବା ଏବଂ ପ୍ରତ୍ୟେକ କ୍ଷେତ୍ରରେ ବିଧାୟକଙ୍କ ପାଇଁ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ଆସିଛି। ଏହାକୁ ନେଇ ଆଜି ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଦିବସ ପାଳନ ଅବସରରେ ବିଧାୟକଙ୍କ ପ୍ରତିକ୍ରିୟା ନେବାକୁ ଗଣମାଧ୍ୟମ ପ୍ରତିନିଧିମାନେ ଅପେକ୍ଷା କରିଥିବା ବେଳେ ବିଧାୟକ ମୁହଁ ଖୋଲି ନ ଥିଲେ। ମନ୍ତ୍ରୀଙ୍କୁ ଛାଡ଼ିବା ବାହାନା କରି ପଳାଇଥିଲେ। ଖଣ୍ଡପଡ଼ା ଏସ୍‌ଡିପିଓଙ୍କ ନାରୀ ଶୋଷଣ ନୀତି, ଜମି ମାଫିଆ ଓ ବାଲି ମାଫିଆଙ୍କୁ ସହଯୋଗ କରିବା ଘଟଣା ସମ୍ପର୍କରେ ବିଧାୟକ ସବୁ ଜାଣି ନିରବ ରହିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଖଣ୍ଡପଡ଼ାରୁ ପ୍ରତ୍ୟାହାର ପାଇଁ ବ୍ୟବସ୍ଥା, ଡିଏସ୍‌ପିଙ୍କୁ ଦାୟିତ୍ୱ**

**ଜେଇଇ ମେନ୍ ସେସନ୍-୨ ପରୀକ୍ଷା ଫଳ ପ୍ରକାଶିତ**

# ଭବେଶ ପାତ୍ର ଓଡ଼ିଶା ଟପ୍ପର

ଭୁବନେଶ୍ୱର,୨୦।୪(ସମିସ): ଦେଶର ସର୍ବବୃହତ ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ ମେନ୍ ୨୦୨୬ ସେସନ୍-୨ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ସେସନ୍-୧ ରେ ଶହେ ପରସେଣ୍ଟାଇଲ୍ ନମ୍ବର ରଖି ଟପ୍ପର ହୋଇଥିବା ଓଡ଼ିଶାର ଭବେଶ ପାତ୍ର ଏହି ପରୀକ୍ଷାରେ ମଧ୍ୟ ଶହେ ପରସେଣ୍ଟାଇଲ୍ ମାର୍କ ରଖିଛନ୍ତି। ଦେଶର ସମୁଦାୟ ୨୬ ଜଣ ଛାତ୍ରଛାତ୍ରୀ ଶହେ ପରସେଣ୍ଟାଇଲ୍ ନମ୍ବର ରଖିଥିବାବେଳେ ଓଡ଼ିଶାରୁ ଭବେଶ ଏକମାତ୍ର ପ୍ରାର୍ଥୀ ଭାବେ ଏହି ତାଲିକାରେ ସ୍ଥାନ ପାଇ ରାଜ୍ୟ ଟପ୍ପର ହୋଇଛନ୍ତି। ଆନ୍ଧ୍ରପ୍ରଦେଶ ସମେତ ତେଲଙ୍ଗାନାରୁ ସର୍ବାଧିକ ୫ ଜଣ ଏବଂ ରାଜସ୍ଥାନରୁ ୪ ଜଣ ପ୍ରାର୍ଥୀ ଶହେ ପରସେଣ୍ଟାଇଲ୍ ମାର୍କ ରଖିଛନ୍ତି। ଓଡ଼ିଶାରୁ କେବଳ ଜଣେ ପ୍ରାର୍ଥୀ ଭାବେ ଭବେଶ ଏହି ମାଇଲଖୁଣ୍ଟ ଛୁଇଁ ପାରିଛନ୍ତି। ସୂଚନାଯୋଗ୍ୟ, ଏହି ପରୀକ୍ଷାରେ ୨୬ ଜଣ ଛାତ୍ରଛାତ୍ରୀ ଶହେ ପରସେଣ୍ଟାଇଲ୍ ମାର୍କ ରଖିଛନ୍ତି। ଓଡ଼ିଆ ସମେତ ୧୩ଟି ଭାଷାରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସମୁଦାୟ ୧୧ ଲକ୍ଷ ୧୦ ହଜାର ୯୦୪ ଜଣ ପଞ୍ଜିକରଣ କରିଥିବାବେଳେ ୧୦ ଲକ୍ଷ ୩୪ ହଜାର ୩୩୦ ଜଣ ପରୀକ୍ଷା ଦେଇଥିଲେ। ଜେଇଇ ସେସନ୍-୧ ଓ ସେସନ୍-୨ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ମାର୍କକୁ ଛାତ୍ରଛାତ୍ରୀଙ୍କ ଚୁଡ଼ାନ୍ତ ମାର୍କ ଭାବେ ଗ୍ରହଣ କରାଯିବ। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ପରୀକ୍ଷାର୍ଥୀମାନେ ଜେଇଇ ଆଡ୍‌ଭାନସ୍ ପରୀକ୍ଷା ଦେବେ। ଆଡ୍‌ଭାନସ୍ ପରୀକ୍ଷାର ମାର୍କ ଅନୁଯାୟୀ ସେମାନଙ୍କ ମେଧା ତାଲିକା ପ୍ରସ୍ତୁତ ହେବ ଓ ସେହି ଆଧାରରେ ହିଁ ନାମଲେଖା ହେବ।

**ତାଲିକାରୁ ୯.୮ ଲକ୍ଷ ଭୋଟର ବାଦ୍ ପ୍ରସଙ୍ଗରେ ସାଂସଦ ମାନସଙ୍କ ଉଦ୍‌ବେଗ**

# ପ୍ରକ୍ରିୟାରେ ସ୍ୱଚ୍ଛତା ସହ ଉତ୍ତରଦାୟିତ୍ୱ ଆବଶ୍ୟକ

ଭୁବନେଶ୍ୱର,୧୯।୪(ସମିସ): ଚଳିତ ବର୍ଷ ରାଜ୍ୟରେ ଭୋଟର ମ୍ୟାପିଂ ପ୍ରକ୍ରିୟାରେ ଭୋଟର ତାଲିକାରୁ ୯ ଲକ୍ଷ ୮୦ ହଜାର ଭୋଟରଙ୍କ ନାମ କଟିଛି। ଏହାକୁ ନେଇ ବିଭିନ୍ନ ମହଲରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏତେ ସଂଖ୍ୟାରେ ଭୋଟରଙ୍କୁ ବାଦ୍ ଦିଆଯିବା ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ ଉତ୍ତରଦାୟିତ୍ୱର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ଓଡ଼ିଶାରେ ପ୍ରାୟ ୯.୮ ଲକ୍ଷ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ଚାଲିଥିବା ଭୋଟର ମ୍ୟାପିଂ ସମୟରେ ଯୋଗ୍ୟ ଭୋଟରଙ୍କ ନାମ ଭୁଲ୍‌ବଶତଃ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ଯେତେବେଳେ ଏତେ ସଂଖ୍ୟକ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଉଛି, ସେତେବେଳେ ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ୨୦୨୩ରେ ଗୃହୀତ ମହିଳା ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ପାଇଁ ୩ ବର୍ଷ ଲାଗିଲା କାହିଁକି: କଂଗ୍ରେସ

ଭୁବନେଶ୍ୱର,୨୦।୪(ସମିସ): ଦେଶରେ ୨୦୨୩ରେ ସର୍ବସମ୍ମତି କ୍ରମେ ବିଲ ପାରିତ ହୋଇଥିଲା। ଲୋକସଭାରେ ଦୁଇଜଣ ସଦସ୍ୟ ଏହାକୁ ବିରୋଧ କରିଥିଲେ ହେଁ ସବୁ ରାଜନୈତିକ ଦଳ ଏହାକୁ ସମର୍ଥନ କରିଥିଲେ। ଏହା ଆଇନରେ ପରିଣତ ହୋଇଥିଲା। ମାତ୍ର ୩ ବର୍ଷ ପରେ ଏହି ଆଇନ ବିଜ୍ଞପ୍ତି କେନ୍ଦ୍ର ସରକାର ପ୍ରକାଶ କଲେ।

**୫୪୩ ଆସନରୁ ମହିଳାଙ୍କପାଇଁ ସଂରକ୍ଷିତ କରାଯାଉ ୧୮୧ ଆସନ**

ନୋଟିଫିକେସନ୍ ପାଇଁ ତିନି ବର୍ଷ ବିଳମ୍ବ କରିବାର କାରଣ କଣ ବୋଲି ବିଜେପିକୁ ପ୍ରଶ୍ନ କରିଛନ୍ତି କଂଗ୍ରେସ ସାଂସଦ ସପ୍ତଗିରି ଶଙ୍କର ଉଲାକା। ଗତ ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ସଂଶୋଧନ ବିଲ ଆଗତ ସମୟରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ଜଳଜଳ ବାରି ହୋଇପଡୁଥିଲା ଓ ଏହି ମନ୍ଦ ଉଦ୍ଦେଶ୍ୟ ପୂରଣ ନ ହେବା ବିଜେପିକୁ ବେଶ୍ ବାଧିଛି ବୋଲି କହିଛନ୍ତି ସପ୍ତଗିରି।

କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ୨୦୨୩ରେ ଏହି ବିଲ୍ ପାସ ହୋଇଥିଲେ ହେଁ ତାହାକୁ ୨୦୨୪ ନିର୍ବାଚନରେ କେନ୍ଦ୍ର ସରକାର ଲାଗୁ କଲେ ନାହିଁ। ଏବେ ୩ ବର୍ଷ ପରେ ଏହାର ନୋଟିଫିକେସନ ପ୍ରକାଶ କଲେ। ତେଣୁ ଏହି ବିଜ୍ଞପ୍ତି ଆଧାରରେ ୫୪୩ ଆସନ



ମଧ୍ୟରୁ ୧୮୧ ଟି ଆସନ ମହିଳାଙ୍କପାଇଁ ତୁରନ୍ତ ସଂରକ୍ଷିତ ହେବା ଦରକାର। ତାଛଡା ଏସସି,ଏସଟି, ଓବିସିଙ୍କ ପାଇଁ ମଧ୍ୟ ପ୍ରାବଧାନ ରହିବା ଦରକାର। ସରକାର ତାହା ନ କରି ନିର୍ବାଚନ ସମୟରେ ଲୋକସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିଲେ। ସରକାର ମହିଳା ସଂରକ୍ଷଣରେ ଗୋଟିଏ କେଁ ରଖି ୨୦୨୬ ଜନଗଣନା ଓ ଡିଲିମିଟେସନ ଅନୁଯାୟୀ ୮୫୦ ଲୋକସଭା ଆସନରେ ସଂରକ୍ଷିତ କରିବା କଥା କହୁଛନ୍ତି। ଲୋକସଂଖ୍ୟା ଦୃଷ୍ଟିରୁ ଦକ୍ଷିଣ ରାଜ୍ୟ ସମୂହରେ ଆସନ ସଂଖ୍ୟା କମୁଛି। ଆସାମ ଓ ଜମ୍ମୁକାଶ୍ମୀରରେ ଯେଉଁଠି ବିଜେପିର ଭୋଟ ନାହିଁ, ସେଠାରେ ଆସନ ସଂଖ୍ୟା ସୀମିତ ରହିଛି। ମହିଳା ସଂରକ୍ଷଣ ନାମରେ ବିଜେପି ସରକାର ଅପପ୍ରଚାର ଚଳେଇଛି। ଯଦି ମହିଳାଙ୍କୁ ସଂରକ୍ଷଣ ଦେବାକୁ ଚାହୁଁଛନ୍ତି ତେବେ ବର୍ତ୍ତମାନର ୫୪୩ ଆସନ ସଂଖ୍ୟାରୁ ୧୮୧ ଆସନ ସଂରକ୍ଷିତ କରନ୍ତୁ, କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ ଏହାକୁ ନିସର୍ତ୍ତ ସମର୍ଥନ ଦେବେ ବୋଲି ଶ୍ରୀ ଉଲ୍ଲାକା କହିଛନ୍ତି।

ବାସ୍ତବରେ କେନ୍ଦ୍ର ସରକାର ଆଣିଥିବା ବିଲ୍ ମହିଳା ସଂରକ୍ଷଣ ପାଇଁ ନୁହେଁ, ଏହା ସମ୍ବିଧାନ ସଂଶୋଧନ ବିଲ ଥିଲା। ବିଜେପି ସରକାରର ମହିଳା ବିରୋଧୀ ଓ ମିଥ୍ୟା ଅପପ୍ରଚାର ବିରୋଧରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧିଙ୍କ ନେତୃତ୍ୱରେ ସାରା ଦେଶରେ ପ୍ରତିବାଦ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଦଳର ମୁଖପାତ୍ର ସୋନାଲି ସାହୁ ଓ ଡ.ମନିଷା ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**'ମହିଳା ସଂରକ୍ଷଣ ବିଲ୍ ଆବରଣ ତଳେ ସୀମା ପୁନଃନିର୍ଦ୍ଧାରଣ'**

# ସତ୍ୟର ଜୟ ହୋଇଛି: ସସ୍ମିତ

ନୂଆଦିଲ୍ଲୀ ୨୦।୪ (ସମିସ): ମହିଳା ସଂରକ୍ଷଣ ବିଲ୍ ଆବରଣ ତଳେ ସୀମା ପୁନର୍ନିର୍ଦ୍ଧାରଣ ନିମନ୍ତେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ସଂସଦରେ କାଟ ଖାଇବା ଓଡ଼ିଶା ପରି ରାଜ୍ୟଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜୟ ବୋଲି କହିଛନ୍ତି ସାଂସଦ ଡ.ସସ୍ମିତ ପାତ୍ର। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ କହିଛନ୍ତି ଯେ ୩ ବର୍ଷ ତଳେ ମହିଳା ସଂରକ୍ଷଣ ବିଲ୍ ସଂସଦରେ ଗୃହୀତ ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ମହିଳା ସଂରକ୍ଷଣ ନେଇ ସର୍ବଦା ସକାରାତ୍ମକ ସହଯୋଗ ଦେଇଛନ୍ତି। ମାତ୍ର ସୀମା ପୁନର୍ନିର୍ଦ୍ଧାରଣ ଯୋଜନାକୁ ଆମର ନେତା ନବୀନ ପଟ୍ଟନାୟକ ବିରୋଧ କରିଛନ୍ତି। ରାଜ୍ୟର ହିତ ଲାଗି ସେ ଏକାଠି ଲଢ଼େଇ କରିବାକୁ ଓଡ଼ିଶାର ସମସ୍ତ ସାଂସଦଙ୍କୁ ଆହ୍ୱାନ କରିଥିଲେ। ମାତ୍ର ଦୁଃଖର ବିଷୟ ଯେ ରାଜ୍ୟରୁ ନିର୍ବାଚିତ ୨୦ ବିଜେପି ସାଂସଦ ରାଜ୍ୟର ଅଧିକାର ଅପେକ୍ଷା ଦଳୀୟ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଲେ। ମାତ୍ର ଓଡ଼ିଶାର ହିତ ପାଇଁ ଆମର ନେତାଙ୍କ ଅତୁଟ ପ୍ରତିବଦ୍ଧତା ଆମକୁ ଗର୍ବିତ କରିଛି ବୋଲି ସସ୍ମିତ କହିଛନ୍ତି।

# ହାତୀର ଗଳିତ ମୃତଦେହ ଉଦ୍ଧାର

ହିନ୍ଦୋଳ,୨୦।୪(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ପୁଣି ଗୋଟିଏ ମାଈହାତୀର ଗଳିତ ମୃତଦେହ ଉଦ୍ଧାର କରିଛି ବନବିଭାଗ। ଗତ ୧ ସପ୍ତାହ ମଧ୍ୟରେ ଏହି ବନାଞ୍ଚଳରେ ଦୁଇ ହାତୀର ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ହିନ୍ଦୋଳ ଏନଏସି ସିଙ୍ଗଳ ଜଙ୍ଗଲରେ ହାତୀ ମୃତଦେହ ଦେଖି ସୋମବାର ସକାଳେ ଗ୍ରାମବାସୀ ବନବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ଦଣ୍ଡିରୀ ସେକ୍ସନ କନକା ବିଟ ଅଞ୍ଚଳରୁ ମୃତଦେହ ଉଦ୍ଧାର କରିଥିଲେ। ୪/୫ଦିନ ପୂର୍ବରୁ ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ଢେଙ୍କାନାଳ ଡିଏଫଓ ସୁମିତ କର, ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ, ସାଇଣ୍ଟିଫିକ, ଡାକ୍ତରୀ ଟିମ ସହ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ପରେ ପୋତିଦେଇଥିଲେ। ମୃତ ହାତୀର ବୟସ ୨୦ରୁ ୨୨ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହାତୀଟି ଗର୍ଭବତୀ ଥିଲା ବୋଲି ଜଣାପଡ଼ିଛି। ହିନ୍ଦୋଳରେ ବାରମ୍ବାର ହାତୀମୃତ୍ୟୁକୁ ନେଇ ପରିବେଶବିତ, ବୁଦ୍ଧିଜୀବୀ ଓ ଜନସାଧାରଣ ଉଦବେଗ ପ୍ରକାଶ କରିବା ସହ ହାତୀ ଓ ମଣିଷ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି ଯେ ପ୍ରସବ ଜନିତ ସମସ୍ୟାରୁ ହାତୀର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ନମୁନା ଲାବରେଟୋରୀକୁ ପଠାଇ ଦିଆଯାଇଥିବା ସେ କହିଛନ୍ତି।

**ରଞ୍ଜନ ମଲିକଙ୍କ ହାଜତ ମୃତ୍ୟୁ ଘଟଣା**

# ନ୍ୟାୟ ମିଳିବାରେ ବିଳମ୍ବ; ପତ୍ନୀଙ୍କ ଆତ୍ମହତ୍ୟା ଚେତାବନୀ

ରାଜକନିକା, ୨୦।୪(ସମିସ): ୨୦୨୪ ମେ' ମାସ ୧୭ ତାରିଖରେ ବରୁଣାଡିହା ଗ୍ରାମର ରଞ୍ଜନ ମଲିକ (୬୦)ଙ୍କ କେନ୍ଦ୍ରାପଡ଼ା ଉପକାରାଗାରରେ ମୃତ୍ୟୁ ହୋଇଥିଲା। ସେ ସମୟରେ ଏହାକୁ ହତ୍ୟା ଅଭିଯୋଗ ଆଣି ରଞ୍ଜନଙ୍କ ପତ୍ନୀ ଗେହ୍ଲେଇ ମଲିକ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଏସ୍‌ପି, ସଦର ଥାନା ଆଇଆଇସି, ଜିଲ୍ଲା ସଦର ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇ ଏହାର ପର୍ଦ୍ଦାଫାଶ କରିବାକୁ ନେହୁରା ହୋଇଥିଲେ। ମାତ୍ର ବର୍ଷାଧିକ କାଳ ବିତିଥିଲେ ଯାଇଥିଲେ ହେଁ ଏଯାବତ ଗେହ୍ଲେଇ ସ୍ୱାମୀଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ମୃତ୍ୟୁ ପ୍ରମାଣପତ୍ର ସେ ପାଇନାହାନ୍ତି। ବହୁବାର ସେ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ କୌଣସି ନ୍ୟାୟ ପାଇନାହାନ୍ତି। ସ୍ୱାମୀ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ତାଙ୍କର ହାଜତ ମୃତ୍ୟୁ ପରେ ତାଙ୍କର ୩ ଝିଅ ଓ ଗୋଟିଏ ପୁଅ ସମସ୍ତେ ଛୋଟ ଥିବାରୁ ବିଧବା ଗେହ୍ଲେଇ ମଜୁରି ଲାଗି ଏମାନଙ୍କୁ ପ୍ରତିପୋଷଣ କରିଆସୁଛନ୍ତି। ସ୍ୱାମୀଙ୍କୁ ହାଜତରେ ହତ୍ୟା କରାଯାଇଥିବା ଭଳି ଜଘନ୍ୟ ଅଭିଯୋଗ ପରେ ବି ପ୍ରଶାସନ ତାଙ୍କୁ ନ୍ୟାୟ ଦେବାରେ ସାମାନ୍ୟତମ ଅନୁକମ୍ପା ଦେଖାଇ ନ ଥିବାରୁ ଏଥିରେ ନିରାଶ ହୋଇ ସେ



ହତାଶରେ ରହିଛନ୍ତି। ଆଜି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଏହି ହତ୍ୟା ମାମଲାରେ ଯଦି ନ୍ୟାୟ ନ ମିଳେ, ତେବେ ଗେହ୍ଲେଇ ତାଙ୍କ ପରିବାର ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମଦାହ କରିବେ ବୋଲି ଧମକ ଦେଇଛନ୍ତି। ଆଜିକୁ ମିଶାଇ ଗେହ୍ଲେଇ ବାରମ୍ବାର ଜନଶୁଣାଣିରେ ଅଭିଯୋଗ ଦେଇ ଚାଲିଥିବାରୁ ତାଙ୍କୁ ନ୍ୟାୟ ମିଳିବା ଆଶା କରିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ମିଳି ନ ଥିବାରୁ ସେ ଆଜିଯାଏ ବିଧବା ଭତ୍ତା ପାଇବାରୁ ମଧ୍ୟ ବଞ୍ଚିତ ରହିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆଶା ବଢ଼ିଛି।

**ଅକ୍ଷୟ ତୃତୀୟାରେ ଅକ୍ଷିମୁଠି ଅନୁକୂଳ**

# କ୍ଷେତରେ ବିହନ ବୁଣିଲେ ଭକ୍ତ



ଭୁବନେଶ୍ୱର,୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ତରଫରୁ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ସୁମଣା ଶାସନ ଗ୍ରାମ ପଞ୍ଚାୟତରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କୃଷି ପ୍ରାଧାନ କାର୍ଯ୍ୟକ୍ରମ ଭବ୍ୟ ସମାରୋହରେ ପ୍ରଥମେ ବିଲରେ ପୂଜାର୍ଚ୍ଚନା ପରେ ପିସିସି ସଭାପତି ଅଖିମୁଠି ଅନୁକୂଳ କରି ହଳ ଚଳାଇଥିଲେ। ଏହି ସମାରୋହରେ ଆଖପାଖ ଗାଁର ଅନେକ କୃଷକଙ୍କ ସହିତ ସାଧାରଣଲୋକ ଭାଗନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସେବାଦଳ ରାଜ୍ୟ ସଭାପତି ଶୁଭେନ୍ଦୁ ମହାନ୍ତି, ବେଣୁ ଭୋଇ, ନଳିନୀ ବେହେରା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରାକ୍ଟରରେ ବୁଲାଇ ଧାନ ବୁଣିଲେ ମୋକିମ୍



ଭୁବନେଶ୍ୱର,୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଓଡ଼ିଶା ଜନତା କଂଗ୍ରେସ(ଓଜେସି) ପକ୍ଷରୁ ପାର୍ଟି ସଭାପତି ମହମ୍ମଦ ମୋକିମ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ସ୍ଥାନୀୟ ପାହାଳ ନିକଟସ୍ଥ ଜୋହଲଗ୍ରାମରେ ଭୂମିପୂଜନ ଓ ଲଙ୍ଗଳ ପୂଜା ଅନୁଷ୍ଠିତ ପରେ ମହମ୍ମଦ ମୋକିମ୍ ଆଶୀର୍ବାଦ ନେଇ ଚାଷକାମର ଶୁଭାରମ୍ଭ କରିଥିଲେ। ମହମ୍ମଦ ମୋକିମ ନିଜେ ଟ୍ରାକ୍ଟର ଚଳାଇ ଜମିରେ ହଳ ବୁଲାଇ ଧାନ ବୁଣିଥିଲେ। ଏହି ଅବସରରେ ସେ କହିଥିଲେ ଯେ ରାଜ୍ୟରେ ଚାଷୀମାନେ ସାର, ବିହନ, ଶୀତଳଭଣ୍ଡାର, ଉନ୍ନତ କୃଷି ଉପକରଣର ଅଭାବରେ ଜର୍ଜରିତ। ମଣ୍ଡି, ଜଳସେଚନ - ଜଳନିଷ୍କାସନ ଭଳି ଭିତ୍ତିଭୂମି ସମସ୍ୟାର ସମାଧାନ ପାଇଁ କୌଣସି ସରକାର ଚେଷ୍ଟା କରୁନାହାନ୍ତି। ଚାଷୀମାନଙ୍କୁ ତୁରନ୍ତ ବିହନ ଯୋଗାଇଦେବା ସହ ସାର କଳାବଜାରୀ ରୋକିବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଥିଲେ। ଓଡ଼ିଶା ଜନତା କଂଗ୍ରେସ ଓଡ଼ିଆ ଚାଷୀ ଓ ଭାଗଚାଷୀଙ୍କୁ ଆର୍ଥିକ ସଶକ୍ତ କରିବା ପାଇଁ ଲଢେଇ ଜାରି ରଖିବ ବୋଲି ମୋକିମ କହିଥିଲେ। ପରିଶେଷରେ ସ୍ଥାନୀୟ ୧୦ ଜଣ ଚାଷୀଙ୍କୁ ସମାଜରେ ସେମାନଙ୍କର ଅବଦାନ ପାଇଁ ଦଳ ତରଫରୁ ସମ୍ମାନିତ କରାଯାଇଥିଲା। ବିଚିତ୍ରାନନ୍ଦ ଭୋଳ କାର୍ଯ୍ୟକ୍ରମ ପରିଚାଳନା ଓ କୃଷକ ନେତା ଶୁଭେନ୍ଦୁ ମଲ୍ଲିକ୍ ଧନ୍ୟବାଦ ଦେଇଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ।

## ଆଜିର ଇତିହାସ

- ୧୭୮୨- ବ୍ୟାଙ୍କକ୍ ସହରର ସ୍ଥାପନା।
- ୧୯୨୬- ବ୍ରିଟେନର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଜନ୍ମ।
- ୧୯୬୦-ବ୍ରାସିଲିଆ ବ୍ରାଜିଲ୍‌ର ରାଜଧାନୀ ହେଲା।
- ୧୯୮୭- ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ହୋଇଥିବା ବୋମା ବିସ୍ଫୋରଣରେ ୧୦୦ ଜଣଙ୍କ ପ୍ରାଣହାନି।
- ୨୦୦୭- ବ୍ରାୟନ୍ ଲାରା ଦିନିକିଆ କ୍ରିକେଟ୍‌ରୁ ଅବସର ନେଲେ।



# ଆସିବ 'ଫାଇଟର୍'ର ସିକ୍ୱେଲ

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦଙ୍କର ଫିଲ୍ମ 'ଫାଇଟର୍' ୨୦୨୪ ମସିହାରେ ରିଲିଜ୍ ହୋଇଥିଲା। ଏଥିରେ ହ୍ରିତିକ୍ ରୋଶନ ଓ ଦୀପିକା ପାଦୁ୍ୟକୋନ୍ ଲିଡ୍ ରୋଲରେ ନଜର ଆସିଥିଲେ। ଏହା ବକ୍ସ ଅଫିସ୍‌ରେ ଆଭରେଜ୍ ବିଜିନେସ୍ କରିଥିଲା। ଏବେ ସିଦ୍ଧାର୍ଥ ଏହାର ସିକ୍ୱେଲ ଆଣିବା ପାଇଁ ଯୋଜନା କରିଥିବା ଜଣାପଡ଼ିଛି। ସିଦ୍ଧାର୍ଥ ଏବେ କିଙ୍ଗ୍ ଖାନ୍ ଶାହାରୁଖ୍‌ଙ୍କ ସହ 'କିଙ୍ଗ୍' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। 'କିଙ୍ଗ୍' ଆସନ୍ତା ଡିସେମ୍ବର ୨୪ରେ ରିଲିଜ୍ ହେବ। ନିକଟରେ ସିଦ୍ଧାର୍ଥ ଏପରି କିଛି ପ୍ରତିକ୍ରିୟା ରଖିଛନ୍ତି, ଯେଉଁଥିପାଇଁ 'ଫାଇଟର୍ ୨'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ 'ଫାଇଟର୍ ୨'କୁ ନେଇ ଏକ ପୋଷ୍ଟ ସେୟାର୍ କରାଯାଇଥିଲା। ପୋଷ୍ଟରେ ଲେଖାଯାଇଥିଲା, 'ଫାଇଟର୍ ୨' ଫିଲ୍ମ ନିର୍ମାଣ କରାଯାଉଛି। ସିଦ୍ଧାର୍ଥ ମଧ୍ୟ ଏହାର ପ୍ରିପ୍ରଡକ୍ସନ୍ କାମ ସେପ୍ଟେମ୍ବରରୁ ଆରମ୍ଭ କରିବେ ବୋଲି କହିଛନ୍ତି। ମୂଳ ଫିଲ୍ମ ଭଳି ଏହାର ସିକ୍ୱେଲରେ ମଧ୍ୟ ହ୍ରିତିକ୍ ଓ ଦୀପିକା ନଜର ଆସିବେ। ଏହାର ବଜେଟ୍ ୫୦୦ କୋଟି ରହିଛି। ଏହା ଏକ ଭାରତୀୟ ଆକ୍ସନ୍ ଫିଲ୍ମ ତୁଳନାରେ ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ଏହି ପୋଷ୍ଟ ଉପରେ ସିଦ୍ଧାର୍ଥ କାହାରି ନଜର ନ ଲାଗୁ ଇମୋଜି ଦେଇଥିଲେ। ତେବେ ସିଦ୍ଧାର୍ଥଙ୍କ ଏଭଳି ପ୍ରତିକ୍ରିୟାରୁ ସେ 'ଫାଇଟର୍ ୨' ଆଣୁଛନ୍ତି ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଏବେ ସିଦ୍ଧାର୍ଥଙ୍କ ପୂରା ନଜର 'କିଙ୍ଗ୍' ଉପରେ ରହିଛି। ଏଥିରେ ଶାହାରୁଖ୍‌ଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍, ଅଭିଷେକ ବଚ୍ଚନ, ଅନୀଲ କପୁର, ଦୀପିକା ପାଦୁ୍ୟକୋନ୍, ରାନୀ ମୁଖାର୍ଜୀ ପ୍ରମୁଖ ନଜର ଆସିବେ।

## କପି ରୋକିବାର ବିଚିତ୍ର ପ୍ରୟାସ

# ରାସ୍ତାରେ ପରୀକ୍ଷା



ପରୀକ୍ଷା ସମୟରେ କପି ରୋକିବା ପାଇଁ କଡ଼ା ଚେକିଂ ସହ ସ୍ୱତନ୍ତ୍ର ସ୍କ୍ୱାଡ୍ ନିୟୋଜିତ ହୋଇଥାଆନ୍ତି। ହେଲେ ଏହାରି ଭିତରେ ବିହାରର ଜଣେ ଶିକ୍ଷକ ପିଲାଙ୍କ କପି ରୋକିବାକୁ ଯାହା କରିଛନ୍ତି, ତାହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ତେବେ ଏହି ଘଟଣାଟି କେବଳ ଭିନ୍ନ ନୁହେଁ, ବରଂ ଜଣେ ଶିକ୍ଷକଙ୍କ ସଚ୍ଚୋଟତା ଏବଂ ଦାୟିତ୍ୱବୋଧତାକୁ ମଧ୍ୟ ସ୍ପଷ୍ଟ ଭାବରେ ପ୍ରତିଫଳିତ କରିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି। ସମ୍ପୃକ୍ତ ଟ୍ୟୁସନ ସାର୍ ଜଣକ ପରୀକ୍ଷା ସ୍କୁଲ କିମ୍ବା କୌଣସି କୋଚିଂ ସେଣ୍ଟରରେ ନୁହେଁ ବରଂ ରାସ୍ତାକଡ଼ରେ ଆୟୋଜନ କରିଛନ୍ତି। ରାସ୍ତାର ଦୁଇ ପାର୍ଶ୍ୱରେ ସେ ତାଙ୍କ ବିଦ୍ୟାର୍ଥୀଙ୍କୁ ପରସ୍ପରଠାରୁ ଦୂରରେ ଛିଡ଼ା କରାଇଛନ୍ତି। ଏହି ଉପାୟ ଅଜବ ଲାଗିଲେ ବି ଏହା ପଛରେ ତାଙ୍କର ମହତ୍ ଉଦ୍ଦେଶ୍ୟ ଥିବା ଜଣାପଡ଼ିଛି। ଏହାଦ୍ୱାରା ବିଦ୍ୟାର୍ଥୀମାନେ କପି କରିବେ ନାହିଁ ଏବଂ ନିଜ ପରିଶ୍ରମରେ ପରୀକ୍ଷା ଦେବେ। ସାଧାରଣତଃ ବିଦ୍ୟାର୍ଥୀ ପରୀକ୍ଷା ହଲ୍‌ରେ ପରସ୍ପରର ପାଖରେ ବସୁଥିବାରୁ ସେମାନେ ପଚାରିଉଚାରି ପରୀକ୍ଷାରେ ଲେଖନ୍ତି। ହେଲେ ଏଠାରେ ଛାତ୍ରଛାତ୍ରୀମାନେ ପରସ୍ପରଠାରୁ ଏତେ ଦୂରରେ ବସିଛନ୍ତି ଯେ, କେହି ବି କାହାଠାରୁ କୌଣସି ପ୍ରକାର ସାହାଯ୍ୟ ନେଇପାରିବେ ନାହିଁ। ଏହି ପୂରା ପ୍ରକ୍ରିୟାରେ ଅନୁଶାସନ ଉପରେ ବି ବିଶେଷ ଦୃଷ୍ଟି ରଖାଯାଇଛି। ଭିଡିଓରେ ଦେଖାଯାଇଛି ଯେ, ରାସ୍ତାର ଦୁଇ କଡ଼ରେ ପିଲାମାନେ ପରସ୍ପରଠାରୁ କିଛି ବ୍ୟବଧାନରେ ବସିଛନ୍ତି। କେବଳ ସେତିକି ନୁହେଁ, କିଏ ଛିଡ଼ା ହୋଇ ପରୀକ୍ଷା ଦେଉଛନ୍ତି ତ ଆଉ କିଏ ବସିକି ପରୀକ୍ଷା ଦେଉଥିବା ଦେଖିବାକୁ ମିଳିଛି। ଏହିପରି ଭାବେ ଛାତ୍ରଛାତ୍ରୀ ନିଜ ସ୍ଥାନରେ ଶାନ୍ତିରେ ବସି ରହି କୌଣସି ପାଟିତୁଣ୍ଡ ନ କରି ପରୀକ୍ଷା ଦେଇଛନ୍ତି। ଅନ୍ୟପଟେ ଏହି ବିଚିତ୍ର ପରୀକ୍ଷା ବ୍ୟବସ୍ଥାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସହ ଶିକ୍ଷକଙ୍କ ପ୍ରୟାସରେ ପ୍ରଭାବିତ ବି ହୋଇଛନ୍ତି। ଅନେକ ଲୋକ ଶିକ୍ଷକଙ୍କୁ ପ୍ରଶଂସା କରିବା ସହ ଶିକ୍ଷାରେ ସଚ୍ଚୋଟତା ବଜାୟ ରଖିବା ପାଇଁ ଏପରି ପଦକ୍ଷେପ ଜରୁରି ବୋଲି କହିଛନ୍ତି।

# ଏଠାରେ ବିବାହରେ ଅତିଥିଙ୍କୁ ମିଳେନି ଖାଦ୍ୟ



ଭାରତରେ ବିବାହ ସମୟରେ ନବଦମ୍ପତିଙ୍କୁ ଆଶୀର୍ବାଦ କରିବା ପାଇଁ ବନ୍ଧୁବାନ୍ଧବ ଓ ପରିଜନ ଏକତ୍ରିତ ହୋଇଥାଆନ୍ତି। ବରବଧୂଙ୍କୁ ଉପହାର ପ୍ରଦାନ କରି ଅତିଥି ସ୍ୱାଦିଷ୍ଟ ଖାଦ୍ୟର ମଜା ନେଇଥାନ୍ତି। ଖାସ୍ ସେଥିପାଇଁ ବିବାହ ଭୋଜିରେ ପାରମ୍ପରିକ ଓ ଆଧୁନିକ ବ୍ୟଞ୍ଜନର ସମାହାର ଦେଖିବାକୁ ମିଳେ। ଏଥିପାଇଁ ଲୋକେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥାନ୍ତି। ହେଲେ ଏଥିରୁ ବ୍ୟତିକ୍ରମ ନେଦରଲ୍ୟାଣ୍ଡ। ଡଚ୍ ବିବାହରେ ସାମିଲ ହୋଇଥିବା ଅତିଥିଙ୍କୁ କେବଳ ବରବଧୂଙ୍କୁ ଆଶୀର୍ବାଦ ଦେବାକୁ ସୁଯୋଗ ମିଳେ। ଅତିଥିଙ୍କ ଖାଇବା ପାଇଁ କୌଣସି ପ୍ରକାର ବନ୍ଦୋବସ୍ତ କରାଯାଏ ନାହିଁ। କେବଳ ସେମାନଙ୍କୁ କିଛି ପାନୀୟ ଦିଆଯାଏ। ଏଠାରେ ବିବାହରେ ଆଉ ଏକ ରୋଚକ କଥା ଦେଖିବାକୁ ମିଳେ। ଅତିଥିଙ୍କୁ ମୁଖ୍ୟତଃ ତିନିଟି ବର୍ଗରେ ବାଣ୍ଟି ଦିଆଯାଏ। ଯେପରିକି ଡେ ଗେଷ୍ଟ, ରିସେପସନ୍ ଗେଷ୍ଟ, ଇଭିନିଂ ଗେଷ୍ଟ ଇତ୍ୟାଦି। ଡେ' ଗେଷ୍ଟରେ ନିକଟ ସମ୍ପର୍କୀୟ ଓ ଅତି ଘନିଷ୍ଠ ବନ୍ଧୁ ସାମିଲ ହୋଇଥାନ୍ତି। ଏମାନଙ୍କୁ ସମ୍ପୂର୍ଣ୍ଣ ବିବାହ କାର୍ଯ୍ୟକ୍ରମରେ ସାମିଲ କରାଯାଏ। ଏମାନେ ବିବାହ ରିସେପସନ୍ ପାର୍ଟିର ମଜା ଉଠାଇବା ସହ ସବୁ ପ୍ରକାର ଖାଇବାର ମଜା ନେଇଥାନ୍ତି। ସେହିପରି ରିସେପସନ୍ ଗେଷ୍ଟ କେବଳ ରିସେପସନ୍‌ରେ ଆସି ବରବଧୂଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି। ସେମାନଙ୍କୁ ୱେଡିଂ କେକ୍ ସହ ସାମ୍ପେନ୍ କିମ୍ବା ଡ୍ରିଙ୍କସ୍ ଓ ହାଲ୍‌କା ଫୁଲକା ସ୍ନାକ୍ସ କିଛି ମିଳିଥାଏ। ରାତ୍ରୀ ଭୋଜନରୁ କିନ୍ତୁ ସେମାନଙ୍କୁ ବାଦ୍ ଦିଆଯାଇଥାଏ। ଏହି ଶ୍ରେଣୀର ଅତିଥିଙ୍କୁ କେବଳ ଆଶୀର୍ବାଦ ତଥା ଶୁଭେଚ୍ଛା ଜଣାଇବା ଉଦ୍ଦେଶ୍ୟରେ ନିମନ୍ତ୍ରଣ କରାଯାଏ। ସେହିପରି ଇଭିନିଂ ଗେଷ୍ଟରେ ବନ୍ଧୁ, ସହକର୍ମୀ କିମ୍ବା ଦୂର ସମ୍ପର୍କୀୟ ସାମିଲ ହୋଇଥାନ୍ତି। ଏହି ଅତିଥିମାନେ କେବଳ ପାର୍ଟିରେ ସାମିଲ ହୋଇଥାନ୍ତି। ତେବେ ଏଠାରେ ଅତିଥିଙ୍କ ପାଇଁ ଭିନ୍ନ ଭିନ୍ନ ବିବାହ ନିମନ୍ତ୍ରଣ ପତ୍ର ଦିଆଯାଏ। ଏଥିରେ ସେମାନଙ୍କୁ କେଉଁ କେଉଁ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅଛି ତାହା ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥାଏ। ନିମନ୍ତ୍ରଣ ପତ୍ରରେ କେବଳ ରିସେପସନ୍ ଲେଖାଥିଲେ ରାତ୍ରି ଭୋଜନ ବ୍ୟବସ୍ଥା ନ ଥିବା ସୂଚାଏ। ଏହି ଶ୍ରେଣୀର ଅତିଥି ବରବଧୂଙ୍କୁ ଶୁଭେଚ୍ଛା ଦେବା ପରେ ଘରକୁ ବାହୁଡ଼ି ଯାଆନ୍ତି। ବିବାହରେ ଏପରି ପରମ୍ପରା ପ୍ରଚଳନ ହେବାର ମୁଖ୍ୟ କାରଣ ହେଉଛି ଡଚ୍ ଲୋକେ ବଜେଟ୍ ସଚେତନ। ଅପରପକ୍ଷରେ ଏଠାରେ ବିବାହର ସମ୍ପୂର୍ଣ୍ଣ ଖର୍ଚ୍ଚ ନବ ଦମ୍ପତି ଉଠାଇଥାନ୍ତି। ତେଣୁ ଖର୍ଚ୍ଚ ନିୟନ୍ତ୍ରଣ ପାଇଁ ସେମାନେ କେବଳ ଘନିଷ୍ଠ ଲୋକଙ୍କୁ ରାତ୍ରି ଭୋଜନ ପାଇଁ ଡାକନ୍ତି।

# ଛାତ ଉପରେ ପଦ୍ମ, କଇଁ

## ଫଳୁଛି ଜାପାନୀ ମିଆଜାକି ଆମ୍ବ





ପରିଶ୍ରମ କଲେ ମାଟି ମା ସୁନା ଫଳାଏ। ଏଥିପାଇଁ ଆବଶ୍ୟକ ଦୃଢ଼ ଇଚ୍ଛା ଶକ୍ତି, କାମ କରିବାର ଆଗ୍ରହ। ଏହି ଉକ୍ତିକୁ ସତ ପ୍ରମାଣିତ କରିଛନ୍ତି ଭୁବନେଶ୍ୱର, ରସୁଲଗଡ଼ର ଚନ୍ଦନ ସାମନ୍ତରାୟ। ନିଜ ସଉକ ପୂରା କରିବାକୁ ଛାତ ଉପରେ ସେ ପଦ୍ମ ଏବଂ କଇଁ ଚାରା ଲଗାଇଥିଲେ। ସେହି ସଉକ ଏବେ ପାଲଟିଛି ରୋଜଗାରର ମାଧ୍ୟମ। ବର୍ତ୍ତମାନ ତାଙ୍କ ଛାତରେ ବିଭିନ୍ନ ପ୍ରଜାତିର ପଦ୍ମ ଓ କଇଁ ସହିତ ଅଢ଼େଇ ଲକ୍ଷ ଟଙ୍କିଆ ଆମ୍ବ ଫଳୁଛି।

କରୋନାରେ ବ୍ୟବସାୟରୁ କ୍ଷତି ସହି ସେ ଛାତରେ ବଡ଼ କୁଣ୍ଡରେ କିଛି ପଦ୍ମ ଓ କଇଁ ଲଗାଇ ଥିଲେ। ପରେ ଏହାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ କରିଥିଲେ। ବର୍ତ୍ତମାନ ତାଙ୍କ ଛାତରେ ବିଭିନ୍ନ ପ୍ରଜାତିର ପଦ୍ମ ଓ କଇଁ ରହିଛି। ଭିଏତନାମ, ଥାଇଲାଣ୍ଡ ଏବଂ କେରଳରୁ ସେ ଏହି ଚାରା ଆଣନ୍ତି। ଚାଷରେ ସଠିକ ଯତ୍ନ ନେବାର ଆବଶ୍ୟକତା ଥିବାରୁ ଏଥିପାଇଁ ଚନ୍ଦନ ନିଜେ ପଙ୍କ ତିଆରି କରନ୍ତି। କୁଣ୍ଡରେ ପ୍ରତି ତିନିଦିନରେ ଥରେ ପାଣି ଓଭରଫ୍ଲୋ କରିବା ସହ ତରଳ ଜୈବିକ ସାର ଦେଇଥାନ୍ତି। ଫୁଲକୁ ମହାପ୍ରଭୁ ଜଗନ୍ନାଥଙ୍କ ପାଖକୁ ପଠାନ୍ତି। ବଡ଼ କୁଣ୍ଡ ସହିତ ଫୁଲ ଚାରା ଗୋଟାକୁ ସେ ୯୦୦ରୁ ୧୦୦୦ଟଙ୍କାରେ ବିକ୍ରି କରିଥାନ୍ତି। ଅଲ୍ଟିମେଟ୍ ଥାଉଜାଣ୍ଡ ପେଟାଲ ଏବଂ ହ୍ୱାଇଟ୍ ପିଓନିର ଚାହିଦା ଅଧିକ ଥାଏ। ଛାତରେ ସେଓ, ଆମ୍ବ, କାଠଚମ୍ପା ମଧ୍ୟ ରହିଛି। ଚନ୍ଦନ କୁହନ୍ତି, ଗୋଟିଏ ଫୁଲକୁଣ୍ଡର ଯତ୍ନ ନେବା ଦ୍ୱାରା ଏଥିରୁ ୨୦ଟି ଚାରା ବାହାରେ। ଏହି ଚାରା ବିକ୍ରି କରି ଜଣେ ଆତ୍ମନିର୍ଭରଶୀଳ ହୋଇପାରିବେ। ଚନ୍ଦନଙ୍କ ଦ୍ୱାରା ବଢ଼ିଥିବା ଫୁଲ ଗଛ ଏବେ ପୁରୀ ଶ୍ରୀମନ୍ଦିର ଉପବନ, କୋଇଲି ବୈକୁଣ୍ଠ, ରିଜିଓନାଲ ପ୍ଲାଣ୍ଟ ରିସର୍ଚ୍ଚ ସେଣ୍ଟର, ମ୍ୟୁଜିୟମ ଆଦି ସ୍ଥାନର ସୌନ୍ଦର୍ଯ୍ୟ ବଢ଼ାଉଛି।

ସେହିପରି ଛାତରେ ଶହେ ଲିଟର କୁଣ୍ଡରେ ସେ ଦାମୀ ଜାପାନୀ ମିଆଜାକି ଆମ୍ବଗଛ ଲଗାଇଛନ୍ତି। ମଧ୍ୟପ୍ରଦେଶର ଏକ ଫାର୍ମରୁ ଚାରା ଆଣି ଚାରି ବର୍ଷ ରଖି ପୂର୍ବବର୍ଷ ଏହାକୁ ଲଗାଇ ଥିଲେ। ଗଛର ସଠିକ ଯତ୍ନ ନେବାରେ ଅବହେଳା ଯୋଗୁ କୁହୁଡ଼ିରେ ଆମ୍ବ ଝଡ଼ି ଯାଇଥିଲା। ଚଳିତ ବର୍ଷ ମାତ୍ର ଚାରିଟି ଆମ୍ବ ଫଳିଛି। ଆନ୍ତର୍ଜାତୀୟ ବଜାରରେ ଏହି ଆମ୍ବ କେଜି ପିଛା ଦର ଅଢ଼େଇ ଲକ୍ଷ ଟଙ୍କା। ଆଗାମୀ ଦିନରେ ଭଲ ରୋଜଗାର ଦେଉଥିବା ପଦ୍ମ, କଇଁ ସହିତ ସୁସ୍ୱାଦୁ ଆମ୍ବ ଫଳାଇବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଚାଷର ଦେଖାଶୁଣା ପାଇଁ ସେ ଦୁଇଜଣ ଲୋକ ନିୟୋଜିତ କରିବା ସହ ନିଜେ ମଧ୍ୟ ଦିନକୁ ତିନିଘଣ୍ଟା ସମୟ ଦିଅନ୍ତି। ଚନ୍ଦନ କୁହନ୍ତି "ଯୁବପିଢ଼ି ଚାକିରି ଅନ୍ୱେଷଣରେ ବାହାରକୁ ନ ଯାଇ ନିଜ ଘର ଛାତରେ ଆଧୁନିକ ପ୍ରଣାଳୀରେ ଚାଷ କରି ଅଧିକ ଲାଭବାନ ହୋଇ ପାରିବେ।"




# କେମିତି ବଢାଇବେ ମାଛର ଓଜନ



ବର୍ତ୍ତମାନ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ଯୋଗୁ ପୋଖରୀ ପାଣିର ତାପମାତ୍ରା ବୃଦ୍ଧି ପାଉଛି। ପାଣିର ତାପମାତ୍ରା ବଢ଼ିଲେ ମାଛଙ୍କ ଶରୀରର ତାପମାତ୍ରା ବଢ଼ିଥାଏ। ତେଣୁ ସେମାନେ ଚଳଚଞ୍ଚଳ ରହିଥାନ୍ତି। ଅଧିକ ଶାରୀରିକ କ୍ରିୟା ଯୋଗୁଁ ସେମାନଙ୍କୁ ଭୋକ ହୋଇଥାଏ। ଅଧିକ ଖାଦ୍ୟ ଖାଇଥାନ୍ତି। ଖାଦ୍ୟ ହଜମ ବି ଭଲ ହୋଇଥାଏ। ତେଣୁ ଏହି ସମୟରେ ମାଛ ପୋଖରୀର ଉପଯୁକ୍ତ ଯତ୍ନ ନେଲେ ମାଛଙ୍କ ଓଜନ ବୃଦ୍ଧି ସଅଳ ହୋଇଥାଏ। ସେଥିପାଇଁ ଖରାଦିନେ ମାଛଙ୍କୁ ଦିନକୁ ଅତି କମ୍‌ରେ ଦୁଇଥର ସକାଳେ ଏବଂ ଉପରବେଳା ଖାଇବାକୁ ଦିଅନ୍ତୁ। ଏଥିପାଇଁ ମାଛ ଦାନା କିମ୍ବା କାଣ୍ଡିଆ କୁଣ୍ଡା ପିଡ଼ିଆ ମିଶ୍ରଣ ଖାଇବାକୁ ଦେଇ ପାରିବେ। ମାଛପୋଖରୀ ପାଣିର ପତନ ସର୍ବଦା ପାଞ୍ଚ ଫୁଟ ନିହାତି ରହିବା ଆବଶ୍ୟକ। ସେହିପରି ପୋଖରୀରେ ପାଣି କମିଲେ ମାଛ ବୃଦ୍ଧିରେ ସମସ୍ୟା ହୁଏ। ଏଥିପାଇଁ ନିୟମିତ ପାଣିର ପିଏଚ୍ ଏବଂ ମୋଟ୍ କ୍ଷାରତ୍ୱ ପରୀକ୍ଷା କରି ଚୂନ ପ୍ରୟୋଗ କରି ପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଦିନବେଳା ତାପମାତ୍ରା ଅଧିକ ରହୁଥିବାରୁ ଫସଲକୁ ସୁରକ୍ଷା କରିବା ପାଇଁ ଆବଶ୍ୟକ ଥିଲେ ଆଖୁ, ଖରାଟିଆ ମକା ଓ ପନିପରିବାରେ ନିୟମିତ ଜଳସେଚନ କରନ୍ତୁ।
- ସୁବିଧା ଥିଲେ ଫଳ ବଗିଚା କିମ୍ବା ଅଧିକ ଚଉଡ଼ାରେ ବୁଣାଯାଇଥିବା ଫସଲରେ ବୁନ୍ଦା କିମ୍ବା ସିଞ୍ଚନ ଜଳସେଚନ କରନ୍ତୁ।
- ଅମୃତଭଣ୍ଡା ଫସଲରେ ପାଉଁଶିଆ ଓ କଳାଦାଗ ରୋଗ ନିୟନ୍ତ୍ରଣ ପାଇଁ ଥିଓଫେନେଟ ମିଥାଇଲ ୭୦% ଡବ୍ଲୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଗେଣ୍ଡୁ ଓ ଗୋଲାପ ଗଛରେ ନାଲି ବୁଢ଼ିଆଣୀ ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ସଲଫର୍ ସେଚିତ ଗୁଣ୍ଡ କିମ୍ବା ୨ ମିଲି ପ୍ରୋପାରଗାଇଟ୍ ନାମକ କୀଟନାଶକ କିମ୍ବା ୨ ମିଲି ଫେନ୍‌ପାଇରକ୍ସିମେଟ୍ ମିଶାଇ ସିଞ୍ଚନ କରନ୍ତୁ।
- ଗାଈଗୋରୁ, କୁକୁଡ଼ା ଓ ବତକ ଆଦିଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପିଇବା ପାଣି ଦିଅନ୍ତୁ।

# ଲେଜର୍ ଲ୍ୟାଣ୍ଡ ଲେଭଲର୍



ବର୍ତ୍ତମାନ ଚାଷକ୍ଷେତ୍ରରେ ଚାଷୀଙ୍କ ଖର୍ଚ୍ଚ ଓ ଶ୍ରମ ହ୍ରାସ ପାଇଁ ବିଭିନ୍ନ କୃଷି ଉପକରଣ ବ୍ୟବହାର କରାଯାଉଛି। ଏମିତି ଏକ ଅତ୍ୟାଧୁନିକ କୃଷି ଯନ୍ତ୍ର ହେଉଛି ଲେଜର୍ ଲ୍ୟାଣ୍ଡ ଲେଭଲର୍। ଜମିକୁ ସମତଳ କରିବାକୁ ଏହି ଯନ୍ତ୍ର ବ୍ୟବହାର କରାଯାଏ। ସାଧାରଣତଃ ଫସଲ ବୁଣିବା ପୂର୍ବରୁ ଜମିକୁ ସମତଳ କରାଯାଏ। ଜମିରେ ମାଟି ଆବଡ଼ା ଖାବଡ଼ା ରହିଲେ, ଜଳ ଜମି ଫସଲ ନଷ୍ଟ ହେବା ଆଶଙ୍କା ବଢ଼ିଯାଏ। ତେଣୁ ଏହି ଯନ୍ତ୍ରଟି ଟ୍ରାକ୍ଟର ସହିତ ସଂଯୋଗ କରାଯାଇ ବ୍ୟବହାର କରାଯାଏ। ଏଥିରେ ଥିବା ଏକ ଲେଜର ଗାଇଡେଡ୍ ପ୍ରଣାଳୀ ଜମିର ଆବଡ଼ାଖାବଡ଼ା ସ୍ଥାନକୁ ଚିହ୍ନିଥାଏ। ଏଥିରେ ଏକ ନିୟନ୍ତ୍ରଣ ବାକ୍ସ, ଲେଜର୍ ଟ୍ରାନ୍ସମିଟର ଏବଂ ରିସିଭର ରହିଛି। ଏହି ମେସିନ୍‌ରେ ଥିବା ସ୍ୱତନ୍ତ୍ର ପ୍ରଣାଳୀ ଦ୍ୱାରା ମେସିନ୍‌ର ଲେଭଲର୍ ପାତ ସ୍ୱୟଂଚାଳିତ ଭାବେ ମାଟିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ କରି ଜମିକୁ ସମତଳ କରିଥାଏ। ଏହି ଯନ୍ତ୍ରଟି ମାଟିକୁ ସମ୍ପୂର୍ଣ୍ଣ ଭାବେ ସମତଳ କରିପାରେ। ମାଟି ସମତଳ ଯୋଗୁଁ ଜମିରେ କମ୍ ପାଣିର ଆବଶ୍ୟକ ହୋଇଥାଏ। ସମସ୍ତ ଫସଲକୁ ସଠିକ ମାତ୍ରାର ଖାଦ୍ୟ ପୋଷଣ ମିଳିଥାଏ। ଫସଲ ସମାନ ରୂପେ ବଢ଼ିଥାଏ।

# ଲେମ୍ବୁ ଗଛରୁ ଫୁଲ ଝଡୁଥିଲେ...



ପରିବର୍ତ୍ତିତ ଜଳବାୟୁ ଓ ଅଧିକ ତାପମାତ୍ରା ବୃଦ୍ଧି ଯୋଗୁ ଫସଲ ପ୍ରଭାବିତ ହୁଏ। ତନ୍ମଧ୍ୟରୁ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଏ ଲେମ୍ବୁ ଗଛରୁ ଫୁଲ ଝଡ଼ିବା। ଅଧିକାଂଶ ଗଛରେ ଅଧିକ ଫୁଲ ଆସି ବି କିଛି ଦିନରେ ଫୁଲ ଝଡ଼ିଯାଏ। ଛୋଟ ଛୋଟ ଫଳ ଫାଟିଯାଏ। ଫଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିଥାଏ। ତେଣୁ ଲେମ୍ବୁ ଚାରା ରୋପଣ ସମୟରେ ସଠିକ୍ ସ୍ଥାନ ଚୟନ, ରୋଗମୁକ୍ତ ମାଟି, ପୋଷଣ ଓ ଜଳସେଚନକୁ ଗୁରୁତ୍ୱ ଦେବା ଏକାନ୍ତ ଆବଶ୍ୟକ।

ଲେମ୍ବୁ ଗଛରେ ସୂକ୍ଷ୍ମ ତତ୍ତ୍ୱ, ବୋରନ୍ ଆଦି ଅଭାବରୁ ଗଛ ଦୁର୍ବଳ ହୋଇଯାଏ। ଫୁଲ ଝଡ଼ିଥାଏ। ଗଛ ବୃଦ୍ଧି ପାଇଁ ସଠିକ ପୋଷଣ ଦେବା ସହ ମାଟିର ସ୍ଥିତି ଦେଖି ଜଳସେଚନ କରିବା ଆବଶ୍ୟକ। ପୁରୁଣା ଗଛ ମୂଳେ ମାଟିକୁ ଖୁସାଇ ନୂଆମାଟି ସହ ଜିଆଖତ ମିଶାଇ ଦେଇ ପାରିବେ। ଶୁଖିଲା କିମ୍ବା ରୋଗଗ୍ରସ୍ତ ଡାଳ କାଟି ଦେବା ଉଚିତ। ବୋରନଯୁକ୍ତ ଖତ, ତରଳ ଔଷଧ, ହରମୋନ୍ ଆଦି ସିଞ୍ଚନ ଦ୍ୱାରା ଗଛରେ ଅଧିକ ଫୁଲ ଫୁଟିବା ସହ ଫଳ ଝଡ଼ିବା କମ୍ ହୋଇଥାଏ।

ସକାଳ THE SAKALA
www.sakalaepaper.com

## ଅଶ୍ୱିନ କୁମାରଙ୍କ ଘାତକ ବୋଲିଂ ଆଗରେ ଫେଲ୍ ମାରିଲେ କାଗିସୋ ରାବାଡା

# ତିଲକଙ୍କ ଶତକରେ ବିଜୟ ଧାରାକୁ ଫେରିଲା ମୁମ୍ବାଇ

ଅହମ୍ମଦାବାଦ୍,୨୦।୪(ଏଜେନ୍ସି)

ଅହମ୍ମଦାବାଦ୍,୨୦।୪(ଏଜେନ୍ସି): ତିଳକ ବର୍ମା (୪୫ବଲ୍‌ରେ ଅପରାଜିତ ୧୦୧ରନ୍)ଙ୍କ ବିସ୍ଫୋରକ ଶତକ ଓ ଅଶ୍ୱିନ କୁମାର (୪/୨୪)ଙ୍କ ଘାତକ ବୋଲିଂ ବଳରେ ଏଠାରେ ସୋମବାର ଖେଳାଯାଇଥିବା ଆଇପିଏଲ୍‌ର ୩୦ତମ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୯୯ ରନ୍‌ରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ୪ଟି ମ୍ୟାଚ୍ ହାରିବା ପରେ ମୁମ୍ବାଇ ବିଜୟ ଧାରାକୁ ଫେରିଛି। ସେହିପରି ଆଇପିଏଲ୍‌ରେ ଏହାକୁ ମିଶାଇ ୨୦ତମ ଇନିଂସରେ ମୁମ୍ବାଇ ୧୯ଥର ଲାଗି ୨୦୦ କିମ୍ବା ତା'ଠାରୁ ଅଧିକ ସ୍କୋର କରି ଏହାକୁ ଡିଫେଣ୍ଡ କରିବାରେ ସମର୍ଥ ହୋଇଛି। ଆଜିର ମୁକାବିଲା ପରେ ଗୁଜରାଟ ୬ଟି ମ୍ୟାଚ୍‌ରୁ ତୃତୀୟ ପରାଜୟ ସହ ୬ ପଏଣ୍ଟ ପାଇ ଟେବଲର ୬ଷ୍ଠ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ମୁମ୍ବାଇ ୬ଷ୍ଠ ମୁକାବିଲାରୁ ଦ୍ୱିତୀୟ ବିଜୟ ସହ ଟେବଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଆଇପିଏଲ୍‌ରେ ପ୍ରଥମ ଶତକ ହାସଲ କରିଥିବା ମୁମ୍ବାଇର ତିଳକ ବର୍ମାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୫ ୱିକେଟରେ ୧୯୯ ରନ୍ କରିଥିଲା। ଦଳ ପକ୍ଷରୁ ତିଳକଙ୍କ ଶତକ ବ୍ୟତୀତ ନମନ ଧୀର ୪୫ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର କାଗିସୋ ରାବାଡା ୩ଟି ୱିକେଟ ପାଇଥିଲେ। ଜବାବରେ ୨୦୦ ରନ୍‌ର ଟାର୍ଗେଟକୁ ପିଛା କରି ଗୁଜରାଟ ଜାଏଣ୍ଟସ ପ୍ରଥମ ବଲ୍‌ରୁ ହିଁ ୱିକେଟ ହରାଇଥିଲା। ଓପନର ସାଇ ସୁଦର୍ଶନଙ୍କୁ ଆଉଟ କରି ବୁମ୍ରା ଏଠାରେ ୬ଷ୍ଠ ମ୍ୟାଚ୍‌ରେ ପ୍ରଥମ ୱିକେଟ ପାଇଥିଲେ। ଏହା ପରେ ଗୁଜରାଟର କ୍ରମାଗତ ୱିକେଟ ପତନ ଘଟିଥିଲା ଓ ଦଳ ୧୫.୫ ଓଭରରେ ୧୦୦ ରନ୍ କରି ଅଲଆଉଟ ହୋଇଥିଲା। ଗୁଜରାଟର ୪ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ



ୱାଶିଂଟନ ସୁନ୍ଦର ସର୍ବାଧିକ ୨୬, ଶାହରୁଖ ଖାନ୍ ୧୭ ଓ ଅଧିନାୟକ ଶୁବମନ ଗିଲ୍ ୧୪ ରନ୍ କରିଥିଲେ। ବିଜୟୀ ମୁମ୍ବାଇ ପକ୍ଷରୁ ଅଶ୍ୱିନ କୁମାର ଘାତକ ବୋଲିଂ କରି ସର୍ବାଧିକ ୪ଟି ୱିକେଟ ପାଇଥିଲେ। ମିଚେଲ ସାଣ୍ଟନରଙ୍କୁ ୨ଟି ୱିକେଟ ମିଳିଥିଲା।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ପ୍ରତିପକ୍ଷ କାଗିସୋ ରାବାଡାଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ପାୱାର ପ୍ଲେ'ରେ ୪୬ରନ୍‌ରେ ୩ ୱିକେଟ ହରାଇଥିଲା। ମୁମ୍ବାଇ ପକ୍ଷରୁ ନମନ ଧୀର ଓ ତିଳକ ବର୍ମା ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ। ଏମାନେ ଚତୁର୍ଥ ୱିକେଟ ଭାଗୀଦାରିରୁ ୪୦ ବଲ୍‌ରୁ ୫୨ ରନ୍ ଉଠାଇ ସ୍ଥିତି ସମ୍ଭାଳିଥିଲେ। ୩୨ବଲ୍‌ରୁ ୬ଚୌକା ଓ ୧ ଛକା ସହ ଉପଯୋଗୀ ୪୫ରନ୍ କରିବା ପରେ ନମନ ଆଉଟ ହୋଇଥିଲେ। ଏହା ପରେ ତିଳକ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଉଭୟ ଆକ୍ରମଣାତ୍ମକ ଓ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଏମାନେ ୫ମ ୱିକେଟରେ ୩୮ ବଲ୍‌ରୁ ୮୧ରନ୍ ଉଠାଇଥିଲେ। ଏହି ଇନିଂସରେ ଶତକ ହାସଲ କରିଥିବା ତିଳକ ପ୍ରଥମ ୨୨ଟି ବଲ୍‌ରେ ୧୯ ରନ୍ ଓ ପରବର୍ତ୍ତୀ ୨୩ଟି ବଲ୍‌ରୁ ୮୨ ରନ୍ ଉଠାଇଥିଲେ। ୩୩ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ତିଳକ ମୋଟ ୪୫ଟି ବଲ୍‌ରୁ ୮ ଚୌକା ଓ ୭ଟି ଛକା ବଳରେ ୧୦୧ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ରାବାଡା ୩୩ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ପାଇଥିଲେ।

### ବୁମ୍ରାଙ୍କୁ ମିଳିଲା ପ୍ରଥମ ୱିକେଟ

ଗୁଜରାଟ ଇନିଂସର ପ୍ରଥମ ବଲ୍‌ରେ ଯୁବ ଖେଳାଳି ସାଇ ସୁଦର୍ଶନଙ୍କୁ କ୍ୟାଚ୍ ଆଉଟ କରାଇ ଭାରତର ନଂ-୧ ତଥା ମୁମ୍ବାଇ ଇଣ୍ଡିଆନ୍ସର ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରା ୨୦୨୬ ଆଇପିଏଲ୍‌ରେ ପ୍ରଥମ ୱିକେଟ ନେବାରେ ସମର୍ଥ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ୬ଷ୍ଠ ମ୍ୟାଚ୍ ଖେଳି ଓ ୧୧୫ତମ ବଲ ବୋଲିଂ କରିବା ପରେ ପ୍ରଥମ ୱିକେଟ ନେଇଛନ୍ତି।

### ସଂକ୍ଷିପ୍ତ ସ୍କୋର

**ମୁମ୍ବାଇ ଇଣ୍ଡିଆନ୍ସ**: ୧୯୯/୫, ୨୦ ଓଭର (ତିଲକ ବର୍ମା-୧୦୧*, ନମନ ଧୀର-୪୫, କାଗିସୋ ରାବାଡା-୩/୩୩, ମହମ୍ମଦ୍ ସିରାଜ-୧/୨୫, ପ୍ରସିଦ୍ଧ କ୍ରିଷ୍ଣା-୧/୫୪)।
**ଗୁଜରାଟ ଟାଇଟାନ୍ସ**: ୧୦୦/୧୦, ୧୫.୫ ଓଭର (ୱାଶିଂଟନ ସୁନ୍ଦର-୨୬, ଅଶ୍ୱିନ କୁମାର-୪/୨୪, ମିଚେଲ ସାଣ୍ଟନର-୨/୧୬, ଯଶପ୍ରୀତ୍ ବୁମ୍ରା-୧/୧୫)।




### ଆଜିର ଆଇପିଏଲ୍ ମ୍ୟାଚ୍
ହାଇଦରାବାଦ୍ ବନାମ ଦିଲ୍ଲୀ
ଭେନ୍ୟୁ-ହାଇଦରାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍ଆର୍ଆର୍ |
|---|---|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ବେଙ୍ଗାଲୁରୁ | ୬ | ୪ | ୨ | ୦ | ୮ | +୧.୧୭୧ |
| ରାଜସ୍ଥାନ | ୬ | ୪ | ୨ | ୦ | ୮ | +୦.୫୯୯ |
| ହାଇଦରାବାଦ | ୬ | ୩ | ୩ | ୦ | ୬ | +୦.୫୬୬ |
| ଦିଲ୍ଲୀ | ୫ | ୩ | ୨ | ୦ | ୬ | +୦.୩୧୦ |
| ଗୁଜରାଟ | ୬ | ୩ | ୩ | ୦ | ୬ | -୦.୮୨୧ |
| ମୁମ୍ବାଇ | ୬ | ୨ | ୪ | ୦ | ୪ | +୦.୦୬୭ |
| ଚେନ୍ନାଇ | ୬ | ୨ | ୪ | ୦ | ୪ | -୦.୭୮୦ |
| ଲକ୍ଷ୍ନୌ | ୬ | ୨ | ୪ | ୦ | ୪ | -୧.୧୭୩ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |

## ଆଇପିଏଲ୍ ଖେଳିବାରୁ ଶନକାଙ୍କୁ ପିଏସ୍ଏଲ୍‌ରୁ ବର୍ଷେ ବାସନ୍ଦ

କରାଚି, ୨୦।୪ (ଏଜେନ୍ସି): ଶ୍ରୀଲଙ୍କା ଅଲ୍‌ରାଉଣ୍ଡର ଦସୁନ ଶନକାଙ୍କୁ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍ଏଲ)ରୁ ବର୍ଷେ ଲାଗି ବାସନ୍ଦ କରାଯାଇଛି। ପିଏସଏଲ୍‌ର ଗତ ଖେଳାଳି ନିଲାମୀରେ ଲାହୋର କ୍ୱାଲାଣ୍ଡର୍ସ ଫ୍ରାଞ୍ଚାଇଜ ତାଙ୍କୁ ୭୫ ଲକ୍ଷ ପାକିସ୍ତାନୀ ମୁଦ୍ରାରେ କ୍ରୟ କରିଥିଲା। କିନ୍ତୁ ୩୪ ବର୍ଷୀୟ ଶନକା ମାର୍ଚ୍ଚ ୩୧ ତାରିଖରେ ପିଏସଏଲ୍‌ରୁ ଓହରିଯାଇଥିଲେ। ଏହାର ଦିନକ ପରେ ଶନକା ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜରୁ ଖେଳିବା ଲାଗି ଚୁକ୍ତି କରିଥିଲେ। ଆହତ ହୋଇ ବାଦ୍ ପଡ଼ିଥିବା ସାମ କରାନଙ୍କ ସ୍ଥାନରେ ରାଜସ୍ଥାନ ଶନକାଙ୍କୁ ଦଳରେ ସାମିଲ କରିଥିଲା। ଏହି କାରଣ ଲାଗି ପିଏସଏଲ୍ କର୍ତ୍ତୃପକ୍ଷ ଶନକାଙ୍କ ଉପରେ ବାସନ୍ଦାଦେଶ ଲଗାଇଛନ୍ତି।

## ନ୍ୟୁଜିଲାଣ୍ଡକୁ ହରାଇଲା ବାଂଲା

ଢାକା, ୨୦।୪ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚରେ ବାଂଲାଦେଶ ବାଜିମାତ୍ କରିନେଇଛି। ୬ ୱିକେଟ୍‌ରେ ଏହି ମ୍ୟାଚକୁ ଜିତିବା ସହ ବାଂଲାଦେଶ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ଟମ୍ ଲଥାମଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ୨୬ ରନରେ ବିଜୟୀ ହୋଇଥିଲା। ତେଣୁ ଏବେ ଗୁରୁବାର ଖେଳାଯିବାକୁ ଥିବା ଅନ୍ତିମ ତଥା ୩ୟ ମ୍ୟାଚ୍ ସିରିଜର ଫଳାଫଳ ନିର୍ଣ୍ଣୟ କରିବ। ଦ୍ୱିତୀୟ ଦିନିକିଆରେ ନ୍ୟୁଜିଲାଣ୍ଡ ୪୮.୪ ଓଭରରେ ୧୯୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର୍ ନିକ୍ କେଲୀ ସର୍ବାଧିକ ୮୩ ରନର ପାଳି ଖେଳିଥିଲେ। ବାଂଲାଦେଶ ନାହିଦ ରାଣା (୫/୩୨) ଓ ଶୋରିଫୁଲ ଇସଲାମ (୨/୩୨) ମିଳିତ ଭାବେ ୭ଟି ୱିକେଟ ନେଇଥିଲେ। ଜବାବରେ ବାଂଲାଦେଶ ତାନଜିଦ୍ ହାସାନ ତମିମ (୭୬ ରନ) ଓ ନାଜମୋଲ୍ ହୋସେନ ସାଣ୍ଟୋ (୫୦)ଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ୩୫.୩ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ଡୋପିଙ୍ଗ ଉଲ୍ଲଙ୍ଘନ: କାଟାଗୋରୀ-ଏ'ରେ ଭାରତ

ନୂଆଦିଲ୍ଲୀ,୨୦।୪(ଏଜେନ୍ସି): ଶକ୍ତିବର୍ଦ୍ଧକ ଔଷଧ ବ୍ୟବହାର କରି ଧରାପଡ଼ିବାରେ ଭାରତ ଗତ ୩ ବର୍ଷ ହେଲା ନଂ-୧ ସ୍ଥାନରେ ରହିଛି। ଫଳରେ ଡୋପିଙ୍ଗ ଉଲ୍ଲଙ୍ଘନକାରୀ ରାଷ୍ଟ୍ରଙ୍କ ମଧ୍ୟରେ ଭାରତ କାଟାଗୋରୀ-ଏ'ରେ ସ୍ଥାନ ପାଇଛି। ଏହା ଫଳରେ ଭାରତରେ ପରବର୍ତ୍ତୀ ବିଶ୍ୱସ୍ତରର କ୍ରୀଡ଼ା ଆୟୋଜନ ନେଇ ଏବେଠାରୁ ଆଶଙ୍କା ପ୍ରକାଶ ପାଇଛି। ବିଶେଷ କରି ୨୦୩୬ରେ ଭାରତ ଅଲିମ୍ପିକ୍ସ ଆୟୋଜନ କରିବ ବୋଲି ପ୍ରସ୍ତୁତି ଚଳାଇଛି। ଯଦି ଶକ୍ତିବର୍ଦ୍ଧକ ଔଷଧର ବ୍ୟବହାର ନ କମିବ ତେବେ ଭାରତରେ ଅଲିମ୍ପିକ୍ସ ଆୟୋଜନ କରିବା ସ୍ୱପ୍ନ ହୋଇପଡ଼ିବ। ନିକଟ୍‌ରେ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ଆଥ୍‌ଲେଟଙ୍କ ମଧ୍ୟରେ ଭାରତ ପ୍ରଥମ ସ୍ଥାନରେ ରହିଥିଲା। ଭାରତର ଗତ ୩ ବର୍ଷର ରେକର୍ଡକୁ ତର୍ଜମା କରିବା ପରେ ୱାଡାର ରୁଲ-୧୫ ଅନୁଯାୟୀ ଆଥଲେଟିକ୍ସ ଇଣ୍ଟିଗ୍ରେଟେଡ୍ ୟୁନିଟ ବା ଏଆଇୟୁ ଭାରତକୁ ବି'ରୁ ହଟାଇ ଏ' କାଟାଗୋରୀରେ ସ୍ଥାନିତ କରିଛି। ଏହାର ଅର୍ଥ ଭାରତରେ ଡୋପିଙ୍ଗ ମାତ୍ରା ବୃଦ୍ଧି ପାଇଛି ଓ ଏହାକୁ ନିୟନ୍ତ୍ରଣ କରା ନ ଗଲେ ଭାରତ ଏବେ ଆୟୋଜନ କରୁଥିବା ବଡ଼ ବଡ଼ ଆଥଲେଟିକ୍ସ ଇଭେଣ୍ଟ ହାତଛଡ଼ା ହୋଇଯିବ। ଏଆଇ ମୁଖ୍ୟ ଡେଭିଡ୍ ହାଓମ୍ୟାନ୍‌ଙ୍କ ମତରେ ଡୋପିଙ୍ଗ ନିୟମ ଉଲ୍ଲଙ୍ଘନରେ ଭାରତ ହାଇ ରିସ୍କ ଜୋନ୍‌ରେ ରହିଛି। ୨୦୨୨ରୁ ଏହି ଦେଶର ଆଥ୍‌ଲେଟମାନେ ବହୁସଂଖ୍ୟାରେ ନିୟମିତ ଭାବେ ଧରାପଡ଼ୁଛନ୍ତି। ଆମେ ଏବେ ଏଏଫ୍ଆଇ ସହ ମିଳିତଭାବେ କାମ କରିବୁ। ଏଥିରେ ଯଦି ଉଲ୍ଲଙ୍ଘନକାରୀଙ୍କ ସଂଖ୍ୟା ନ କମେ, ତେବେ ଭାରତକୁ ବିପଦପୂର୍ଣ୍ଣ ଦେଶ ଭାବେ ବିବେଚନା କରାଯିବ। ବିଶ୍ୱରେ ଏବେ ଉଲ୍ଲଘଂନକାରୀ କାଟାଗୋରୀ-ଏ' ଦେଶ ମଧ୍ୟରେ ବେଲାରୁଷ, ବାହାରିନ୍, ଇଥିଓପିଆ, କେନିଆ, ନାଇଜେରିଆ, ରୁଷିଆ ଓ ୟୁକ୍ରେନ ରହିଛି।

## ଜାତୀୟ ସିନିଅର ହକି କ୍ୟାମ୍ପରେ ଓଡ଼ିଶାରୁ ୧୩ ଖେଳାଳି

ବେଙ୍ଗାଲୁରୁ, ୨୦।୪ (ଏଜେନ୍ସି): ଜାତୀୟ ସିନିଅର ପୁରୁଷ ହକି କ୍ୟାମ୍ପ ଲାଗି ହକି ଇଣ୍ଡିଆ ପକ୍ଷରୁ ସୋମବାର ୩୬ ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଶିବିର୍ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ରେ ଏପ୍ରିଲ ୨୦ରୁ ମେ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶିବିର ଲାଗି ଘୋଷିତ ଦଳରେ ଓଡ଼ିଶାରୁ ୫ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଅମନଦୀପ ଲାକ୍ରା, ମିଡ୍‌ଫିଲ୍ଡର ରୋଶନ କୁଜୁର ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଏହି କ୍ୟାମ୍ପ ପରେ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପିଆନ ଲେଗ୍, ବିଶ୍ୱକପ୍ ଓ ଏସୀୟ କ୍ରୀଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ତେଣୁ ପାଖାପାଖି ୨୦ ଦିନ ଧରି ଚାଲିବାକୁ ଥିବା ଏହି ଶିବିର ଭାରତୀୟ ଦଳର ଖେଳାଳିଙ୍କ ଲାଗି ବେଶ୍ ଗୁରୁତ୍ୱବହନ କରୁଛି।

### ଜୁନିଅର କ୍ୟାମ୍ପରେ ୮ ଓଡ଼ିଆଙ୍କୁ ସୁଯୋଗ

ଅପରପକ୍ଷରେ ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଜାତୀୟ ଜୁନିଅର (୧୮ ବର୍ଷରୁ କମ୍) ପୁରୁଷ ଓ ମହିଳା କ୍ୟାମ୍ପ ଲାଗି ମଧ୍ୟ ସୋମବାର ୮୪ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ନିକଟରେ ଶେଷ ହୋଇଥିବା ୧୬ତମ ଜାତୀୟ ଜୁନିଅର ଚାମ୍ପିଅନସିପ୍‌ର ପ୍ରଦର୍ଶନ ଆଧାରରେ ଏହି ଖେଳାଳିଙ୍କୁ କ୍ୟାମ୍ପରେ ସୁଯୋଗ ମିଳିଛି। ଘୋଷିତ ହୋଇଥିବା ୮୪ ଜଣିଆ ଦଳରେ ଓଡ଼ିଶାରୁ ମୋଟ୍ ୮ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ୪୨ ଜଣିଆ ପୁରୁଷ ଦଳରେ ବିଶାଳ ବଡ଼ା (ଗୋଲ୍‌କିପର), ଦୀପକ ପ୍ରକାଶ ଟପ୍ପୋ (ଡିଫେଣ୍ଡର) ଓ ଅର୍ମାନ ସୋରେଙ୍ଗ୍ (ମିଡ୍‌ଫିଲ୍ଡର) ରହିଛନ୍ତି। ସେହିଭଳି ମହିଳା ଶିବିରରେ ରାଜ୍ୟର ୫ଜଣ ଖେଳାଳିଙ୍କୁ ସୁଯୋଗ ମିଳିଛି। ସେମାନେ ହେଲେ କିରନ ଏକ୍କା (ଡିଫେଣ୍ଡର), ରୁବିନା ବକ୍ସଲା (ମିଡ୍‌ଫିଲ୍ଡର), ପ୍ରିନ୍ସେସ ପ୍ରିୟା ଏକ୍କା, ପ୍ରିୟଙ୍କା ମିଞ୍ଜ ଓ ସୁଇଟି କୁଜୁର (ସମସ୍ତେ ଫରୱାର୍ଡ)। ଦୁଇ ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂହ ଓ ରାଣୀ ରାମପଲ୍ ଯଥାକ୍ରମେ ମହିଳା ଓ ପୁରୁଷ ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ଉଭୟ ଦଳର ଶିବିର ଏପ୍ରିଲ ୧୯ରୁ ଭୋପାଳସ୍ଥିତ ସାଇ ସେଣ୍ଟରରେ ଆରମ୍ଭ ହେବ।

## ସ୍ୱିଡ୍ ପାୱାର ଓପନ୍ ତାଏକ୍ୱୋଣ୍ଡୋ: ଓଡ଼ିଶାରୁ ୪



ଭୁବନେଶ୍ୱର, ୨୦।୪ (ସମିସ): ସ୍ୱିଡ୍ ପାୱାର ଇଣ୍ଟରନ୍ୟାସନାଲ ଓପନ୍ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ର ୧୩ତମ ସଂସ୍କରଣ ମେ ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ କ୍ୱାଲାଲୁମ୍ପୁରରେ ଅନୁଷ୍ଠିତ ହେବ। ଏହି ଇଣ୍ଟରନ୍ୟାସନାଲ ପ୍ରତିଯୋଗିତାରେ ରାଜ୍ୟରୁ ୪ଜଣ ପ୍ରତିଯୋଗୀ ଭାଗନେବେ। ସେମାନେ ହେଲେ ଆରାଭୀ ମିଶ୍ର, ଅନନ୍ୟା ଅଂଶୁ ମହାପାତ୍ର, ସୁଦୀପ୍ତା ବାରିକ ଓ ମିନାକ୍ଷୀ ନାୟକ। କୋଚ୍ ଭାବେ ଏହେସାସ୍ ହୋତା ଖେଳାଳିଙ୍କ ସହ ମାଲେସିଆ ଗସ୍ତ କରିବେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଅଂଶୁ ଅନନ୍ୟାଙ୍କୁ ଫାଲକନ ଓଡ଼ିଶା ପକ୍ଷରୁ ସ୍ୱନଶର କରାଯାଇଛି। ମାନ୍ୟତା ଦୃଷ୍ଟିରୁ ଏହି ଟୁର୍ଣ୍ଣାମେଣ୍ଟ ଗୁରୁତ୍ୱପୂର୍ଣ୍ଣ ଥିବାରୁ ସମସ୍ତ ଖେଳାଳି ପୋଡିୟମ ଫିନିଶ ଲକ୍ଷ୍ୟରେ ରହିଛନ୍ତି ବୋଲି କୋଚ୍ ଆଶାବାଦୀ ରହିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଉନ୍ନତ ପ୍ରଦର୍ଶନ ଲାଗି ଓଡ଼ିଶା ଟାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

## ରାଜ୍ୟ ସ୍କୁଲ ଓ କଲେଜ୍ ଚେସ୍ ଶନିବାରରୁ

ଭୁବନେଶ୍ୱର,୨୦।୪(ସମିସ): କଟକ ଜିଲ୍ଲା ଚେସ ସଂଘ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆସନ୍ତା ଶନିବାର ଓ ରବିବାର (ଏପ୍ରିଲ ୨୫ ଓ ୨୬ତାରିଖ) ଦୁଇ ଦିନ ଧରି ରାଜ୍ୟ ସ୍କୁଲ ଓ କଲେଜ୍ ଚେସ୍ ଅନୁଷ୍ଠିତ ହେବ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଶୀତତାପ ନିୟନ୍ତ୍ରିତ ସମ୍ମିଳନୀ କକ୍ଷରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୫୦,୦୦୦ ଟଙ୍କାର ପୁରସ୍କାର ଓ ୬୦ରୁ ଊର୍ଦ୍ଧ୍ୱ ଟ୍ରଫି ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟରେ କଲେଜ ଶିକ୍ଷାର୍ଥୀ ଓ ସ୍କୁଲ ଶିକ୍ଷାର୍ଥୀ ନାମକ ଦୁଇଟି ବିଭାଗରେ ପ୍ରତିଯୋଗିତା ହେବ। ଉଭୟ ବିଭାଗରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୫,୦୦୦ ଲେଖାଏଁ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। କିନ୍ତୁ କଲେଜ ଶିକ୍ଷାର୍ଥୀଙ୍କ ଲାଗି ୨୫ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ସ୍କୁଲ ଶିକ୍ଷାର୍ଥୀ ବିଭାଗରେ ଖେଳିବା ଲାଗି ୧୦ମ ଶ୍ରେଣୀରୁ କମ୍ କ୍ଲାସରେ ପଢୁଥିବା ଆବଶ୍ୟକ। ଉଭୟ ବିଭାଗ ଲାଗି ପ୍ରମାଣପତ୍ର ଓ ୫୦୦ ଟଙ୍କାର ଏଣ୍ଟ୍ରି ଫି ବାଧ୍ୟତାମୂଳକ କରାଯାଇଛି। ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଅଧିକ ସୂଚନା ଲାଗି ସତ୍ୟରଞ୍ଜନ ପଟ୍ଟନାୟକ (ମୋ-୯୪୩୭୨-୦୮୫୦୬) କିମ୍ବା ପୂର୍ଣ୍ଣଚନ୍ଦ୍ର ପଣ୍ଡା (ମୋ-୯୪୩୯୫- ୪୧୯୨୦)ଙ୍କ ସହ ଯୋଗାଯୋଗ କରିବାକୁ କଟକ ଚେସ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

## ଅଲ୍ ଓଡ଼ିଶା ଓପନ ସ୍ନୁକର: ସେମିରେ ଆକାଶ ଓ ଚେତନ


ଚେତନ


ଆକାଶ

ଭୁବନେଶ୍ୱର,୨୦।୪(ସମିସ): ବିଏସ୍ଏଓ (ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା) ଆନୁକୂଲ୍ୟରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୦-ରେଡ ସ୍ନୁକର ଚାମ୍ପିଅନସିପ୍‌ର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ପଟିଆସ୍ଥିତ ୬ପକେଟସ୍ କ୍ୟୁ ସ୍ପୋର୍ଟ୍ସ କ୍ଲବ୍‌ରେ ମଙ୍ଗଳବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଟପ୍ ସିଡ୍ ଆଶୁତୋଷ ପାଢ଼ୀଙ୍କ ସହ ଚେତନ ଆନନ୍ଦ ଏବଂ ଦ୍ୱିତୀୟ ସେମିଫାଇନାଲରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କ ସହ ଆକାଶ ମହାପାତ୍ରଙ୍କର ମୁକାବିଲା ହେବ। ସୋମବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଆଶୁତୋଷ ୩-୧ରେ ବରିଷ୍ଠ ଖେଳାଳି ନିଶାନ୍ତ ବିଶ୍ୱାଳଙ୍କୁ, ଡାକ୍ତର ରାକେଶ ୩-୦ରେ ଉଦ୍‌ଭାସ ମହାପାତ୍ରଙ୍କୁ ହରାଇଥିଲେ। ସେହିପରି ତୃତୀୟ କ୍ୱାର୍ଟରଫାଇନାଲ ଚେତନ ୩-୧ରେ ଅନୁଜ ପଣ୍ଡାଙ୍କୁ ଓ ଚତୁର୍ଥ କ୍ୱାର୍ଟରଫାଇନାଲରେ ଆକାଶ ୩-୦ରେ ମିଶାଲ ସ୍ୱାଇଁଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ।

## ବାର୍ସିଲୋନା ଓପନ୍ ଜିତିଲେ ଆର୍ଥର ଫିଲ୍ସ

ବାର୍ସିଲୋନା, ୨୦।୪ (ଏଜେନ୍ସି): ଫ୍ରାନ୍ସର ଆର୍ଥର ଫିଲ୍ସ ଏଠାରେ ଅନୁଷ୍ଠିତ ବାର୍ସିଲୋନା ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆର୍ଥର ୬-୨, ୭-୬ (୨) ସେଟ୍‌ରେ ଶୀର୍ଷ ମାନ୍ୟତା ତଥା ବିଶ୍ୱର ୧୨ତମ ସ୍ଥାନରେ ରହିଥିବା ରୁଷିଆର ଆନ୍ଦ୍ରେ ରୁବଲେଭଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ବିଶ୍ୱର ୨୫ତମ ମାନ୍ୟତା ଆର୍ଥର କ୍ୟାରିୟରର ୪ର୍ଥ ଏଟିପି ଟାଇଟଲ ହାସଲ କରିଛନ୍ତି।

## ଆନ୍ତଃଜିଲ୍ଲା ମହିଳା କ୍ରିକେଟ
# ଢେଙ୍କାନାଳ, ପୁରୀ ଓ କେନ୍ଦ୍ରାପଡ଼ାର ବଡ଼ ବିଜୟ





ଅଲିସ୍ମା (ଯାଜପୁର) ସୁଶ୍ରୀ (ଭୁବନେଶ୍ୱର) ବିଷ୍ଣୁପ୍ରିୟା (ଯାଜପୁର) ଅବତାହି (ପୁରୀ)

ଭୁବନେଶ୍ୱର, ୨୦।୪ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ସିନିଅର ମହିଳା କ୍ରିକେଟ ପ୍ରତିଯୋଗିତାରେ ଆଜି ଢେଙ୍କାନାଳ ୧୧୨ରନ୍‌ରେ ବୌଦ୍ଧକୁ ଏବଂ ପୁରୀ ୧୦ ୱିକେଟରେ ସମ୍ବଲପୁରକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ଆଜି ଖେଳାଯାଇଥିବା ଅନ୍ୟମ୍ୟାଚ୍ ଗୁଡିକରେ ଯାଜପୁର ୨୯ ରନ୍‌ରେ ଝାରସୁଗୁଡାକୁ, କେନ୍ଦ୍ରାପଡ଼ା ୬୧ ରନ୍‌ରେ ପାରାଦୀପକୁ, ବାଲେଶ୍ୱର ୭ ୱିକେଟରେ ସୋନପୁରକୁ, ଭୁବନେଶ୍ୱର ୫୦ ରନ୍‌ରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଭୁବନେଶ୍ୱରର ସୁଶ୍ରୀ ଦିବ୍ୟଦର୍ଶିନୀର ୭୧ବଲ୍‌ରେ ଅପରାଜିତ ୮୯ ରନ୍ କରିଥିଲାବେଳେ ପ୍ରତିପକ୍ଷ ଖୋର୍ଦ୍ଧାର ବିଜୟଲକ୍ଷ୍ମୀ ବେହେରା ୪୦ ରନ୍ କରିଥିଲେ। ସେହିପରି ପାରାଦୀପ ବିପକ୍ଷରେ କେନ୍ଦ୍ରାପଡ଼ାର ପ୍ରତିଷ୍ଠା ସିଂ ୩୪ରନ୍ କରିଥିଲାବେଳେ ଶ୍ରୁତିଲେଖା ମଲ୍ଲିକ ୩ଟି ଓ ଲକ୍ଷ୍ମୀପ୍ରିୟା ବେହେରା ୨ଟି ୱିକେଟ ପାଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ ଝାରସୁଗୁଡା ବିପକ୍ଷରେ ଯାଜପୁରର ଅଲିସ୍ମା ବିଶ୍ୱାଳ ୩୮ ରନ୍ କରିବା ସହ ୨ଟି ୱିକେଟ ନେଇ ଅଲରାଉଣ୍ଡ ସଫଳତା ପାଇଥିଲେ। ଯାଜପୁରର ବିଷ୍ଣୁପ୍ରିୟା ଜେନା ୮ରନ୍‌ରେ ୪ଟି ୱିକେଟ ପାଇଥିଲେ। ସମ୍ବଲପୁର ବିପକ୍ଷରେ ପୁରୀର ଅବତାହୀ ମହାନ୍ତ ଅପରାଜିତ ୭୧ରନ୍ କରିଥିଲାବେଳେ ପଲ୍ଲବୀ ପାତ୍ର ୩ଟି ୱିକେଟ ପାଇଥିଲେ। ସମ୍ବଲପୁରର ସ୍ୱାତିକା ବେହେରା ୫୬ ରନ୍ କରିଥିଲେ। ବୌଦ୍ଧ ବିପକ୍ଷରେ ଢେଙ୍କାନାଳର ସୂର୍ଯ୍ୟକାନ୍ତି ସାହୁ ୪୧ରନ୍ କରିଥିଲାବେଳେ ଅନନ୍ୟା ମହାନ୍ତି, ଶୁଭଶ୍ରୀ ବେହେରା ଓ ଆଇଷ୍ଟା ଖାତୁନ ୨ଟି ଲେଖାଏଁ ୱିକେଟ ପାଇଥିଲେ।

## ୧୬ ବର୍ଷରୁ ଆନ୍ତଃ ଜିଲ୍ଲା ଟୁର୍ଣ୍ଣାମେଣ୍ଟ
# କେନ୍ଦ୍ରାପଡ଼ା, ଜଗତସିଂହପୁର, ପାରାଦୀପ ବିଜୟୀ

ଭୁବନେଶ୍ୱର, ୨୦।୪ (ସମିସ)





ଆଦର୍ଶ (ଝାରସୁଗୁଡା) ବିଜୟ (ଭୁବନେଶ୍ୱର-ବି) ଶିଦ୍ଧେଶ୍ୱର (ବଲାଙ୍ଗିର) ଆୟୁଷ (ପାରାଦୀପ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତାରେ ସୋମବାର ୬ଟି ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ଝାରସୁଗୁଡା ୨୩ ରନ୍‌ରେ ବରଗଡ଼କୁ, କେନ୍ଦ୍ରାପଡ଼ା ୫ ୱିକେଟରେ ନୟାଗଡକୁ, ଭୁବନେଶ୍ୱର-ବି' ୭ ୱିକେଟରେ ଭଦ୍ରକକୁ, ଜଗତସିଂହପୁର ୧୩୦ ରନ୍‌ରେ ସୋନପୁରକୁ, ବଲାଙ୍ଗିର ୬ ୱିକେଟରେ କଳାହାଣ୍ଡିକୁ ଓ ପାରାଦୀପ ୧୨୨ ରନ୍‌ରେ ରାୟଗଡ଼ାକୁ ପରାସ୍ତ କରିଛି। ବରଗଡ ବିପକ୍ଷରେ ଝାରସୁଗୁଡାର ଆଦର୍ଶ ଯାଦବ ୨୯ରନ୍‌ରେ ୬ ୱିକେଟ ଓ ବରଗଡର ରାୟାଂଶ ତୁଳି ୪ୱିକେଟ ନେଇଛନ୍ତି। ନୟାଗଡ଼ ବିପକ୍ଷରେ କେନ୍ଦ୍ରାପଡ଼ାର ଆୟୂଷ ପଲାଇ ୩୮ ରନ୍‌ରେ ୪ ୱିକେଟ, ଭଦ୍ରକ ବିପକ୍ଷରେ ଭୁବନେଶ୍ୱର-ବି'ର ବିଜୟ ସିଂ ୨୪ ରନ୍‌ରେ ୫ ୱିକେଟ ଓ ଅଂଶୁମାନ ଦାସ ଅପରାଜିତ ୫୩ ରନ୍ କରି ଦଳକୁ ବିଜୟୀ କରାଇଛନ୍ତି। ସେହିପରି ସୋନପୁର ବିପକ୍ଷରେ ଜଗତସିଂହପୁରର ଅନୁରାଗ ଦାସ ୪୨ ରଦଥ କରିଥିଲାବେଳେ କୁମାର ଅଭିଷେକ ଓ ବିଶ୍ୱପ୍ରକାଶ ସାମନ୍ତରାୟ ୩ଟି ଲେଖାଏଁ ୱିକେଟ ପାଇଛନ୍ତି। ଫଳରେ ଜଗତସିଂହପୁର ସର୍ବାଧିକ ୧୩୦ ରନ୍ ବ୍ୟବଧାନରେ ଆଜି ବିଜୟୀ ହୋଇଛି। କଳାହାଣ୍ଡି ବିପକ୍ଷରେ ବିଜୟୀ ବଲାଙ୍ଗୀରର ସିଦ୍ଧେଶ୍ୱର ବାଗ୍ ୧୪ରନ୍‌ରେ ୫ୱିକେଟ ନେଇଥିଲାବେଳେ ଶୁଭଙ୍କର ବହିଦାର ୪୧ରନ୍ କରିଥିଲେ। ରାୟଗଡ଼ା ବିପକ୍ଷରେ ପାରାଦୀପର ଆଦର୍ଶ ଦାସ ୭୧ ରନ୍ କରିଥିଲାବେଳେ ଆୟୁଷ ପଣ୍ଡା ୨୬ ରନ୍‌ରେ ୪ୱିକେଟ ନେଇ କ୍ରମାଗତ ଦ୍ୱିତୀୟ ଦିନରେ ସଫଳ ହୋଇଛନ୍ତି। ରାୟଗଡ଼ାର ଛବିଳ ବିଡ଼ିକା ୪ଟି ଓ ସମୀର ବିଡିକା ୩ ରନ୍‌ରେ ୩ଟି ୱିକେଟ ନେଇଥିଲାବେଳେ ଶୁଭମ କନ୍ଧପାଣି ୧୦୪ବଲ୍ ଖେଳି ଧୈର୍ଯ୍ୟପୂର୍ଣ୍ଣ ୩୯ ରନ୍ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS